ଧରିତ୍ରୀ
DHARITRI

February 16-22 2020 ₹2/-

# ଛୁଟିଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ

## ପହିଲି ଗାଡ଼ି

ପଚାଶ ଦଶକରେ ଗାଁ ଗହଳି ଲୋକଙ୍କ ପାଇଁ ବସ୍‌କୁ ନେଇ ଅପେକ୍ଷା ଆଉ ବସ୍‌ରେ ଯାତ୍ରା କରିବାର ସେହି ପହିଲି ଅନୁଭବ ଆଜିର ଯେକୌଣସି ବିଳାସମୟ ଯାତ୍ରାଠୁ ବି ମଧୁର , ରୋମାଞ୍ଚକର । ସେହି ସମୟରେ ପ୍ରଥମଥର ଯାତ୍ରା କରିବାର ନିଆରା ଅନୁଭୂତିକୁ ନେଇ ଉପସ୍ଥାପନା....

୮/୯
ସିନେମା

୧୩
ସହରଠୁ ଦୂର





# କେଉଁଠାରେ କ'ଣ ନିଷିଦ୍ଧ

ପ୍ରତ୍ୟେକ ଦେଶର ସଂସ୍କୃତି ଓ ପରମ୍ପରା ଭଳି ସେଠାକାର ଆଇନ କାନୁନ ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର। ଗୋଟିଏ ଦେଶ କିଛି ଜିନିଷକୁ ଆଇନଗତ ସ୍ୱୀକୃତି ଦେଉଥିବା ବେଳେ ଅନ୍ୟ ଦେଶରେ ସେ ସବୁ ଥାଏ ନିଷିଦ୍ଧ। ତେବେ କେଉଁଠାରେ କ'ଣ ସବୁ ନିଷିଦ୍ଧ ରହିଛି ଜାଣନ୍ତୁ ସେ ସମ୍ପର୍କରେ...



* ନରଓ୍ୱେରେ ସର୍ବସାଧାରଣ ସ୍ଥାନରେ ହୁକ୍କା ଟାଣିବା ନିଷିଦ୍ଧ। ଏହି ନିୟମ ଭଙ୍ଗ କଲେ ବ୍ୟକ୍ତିଙ୍କୁ ଜେଲ ଦଣ୍ଡ ଭୋଗିବାକୁ ପଡିଥାଏ।
* କାଲିଫର୍ନିଆରେ ସ୍କୁଲକୁ ଡିକ୍ସନାରୀ ନେଇ ଯିବାରେ ରୋକ ଲଗାଯାଇଛି।
* ତୁର୍କମେନିସ୍ତାନରେ ବେସରକାରୀ ଟିଭି ଏବଂ ରେଡିଓ ଷ୍ଟେସନ ଉପରେ ନିଷେଧ ଜାରି କରାଯାଇଛି।
* ସାଧାରଣତଃ ଲୁଗା ଦୋକାନରେ ପୋଷାକ ପ୍ରଦର୍ଶନ ଲାଗି ମାନେକୁଇନ ରଖାଯାଇଥାଏ। କିନ୍ତୁ ଇରାନରେ ଦୋକାନରେ ମାନେକୁଇନ ରଖିବାକୁ ନେଇ ନିଷେଧ ଜାରୀ କରାଯାଇଛି।
* କାନାଡାରେ ବେବି ୱାକର ଉପରେ ନିଷେଧ ଜାରି କରାଯାଇଛି। ଏଠାରେ ନିୟମ ରହିଛି ପିଲାମାନେ ଆପେ ଆପେ ଛିଡା ହୋଇ ଚାଲି ଶିଖିବେ।
* ପାକିସ୍ତାନ, ଇଣ୍ଡୋନେସିଆ ଏବଂ ସାଉଦି ଆରବରେ ଭାଲେଣ୍ଟାଇନ ଡେ ପାଳନ ଉପରେ ରୋକ୍ ଲଗାଯାଇଛି।
* ସିଙ୍ଗାପୁରରେ ଚୁଇଙ୍ଗମ୍ ଆମଦାନୀ ଉପରେ ଲଗାଯାଇଛି ରୋକ୍।
* ଗ୍ରୀସ୍‌ର ଐତିହାସିକ ସ୍ଥାନଗୁଡିକରେ ହାଇ ହିଲ୍ ପିନ୍ଧି ଚାଲିବା ଉପରେ ରୋକ ଲଗାଯାଇଛି।
* ସ୍ୱିଡେନରେ ପିଲାମାନଙ୍କୁ ନେଇ ପ୍ରସ୍ତୁତ ହେଉଥିବା ବିଜ୍ଞାପନ ଉପରେ ନିଷେଧ ଜାରୀ କରାଯାଇଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃୟାରୀ ୧୬-୨୨

**ମେଷ**



ପାରିବାରିକ ମତଭେଦ, ଶରୀର କଷ୍ଟ, କାର୍ଯ୍ୟବ୍ୟସ୍ତତା, ଅର୍ଥ ପାଇବେ। ବିଳମ୍ବେ କାର୍ଯ୍ୟସିଦ୍ଧି, ରାଜକୀୟ ସମ୍ମାନ, ଭ୍ରମଣ ସୁଯୋଗ, ଧର୍ମକାର୍ଯ୍ୟ, ନୂତନ ଯୋଜନା, ପରିବାରରୁ ସହଯୋଗ, ଭଲ ରୋଜଗାର, ସୁସ୍ଥ ମାନସିକତା, ଦୂରଯାତ୍ରା।

**ବୃଷ**



ଦୁଃସାହସିକ ପଦକ୍ଷେପ, ଆର୍ଥିକ ସାହାଯ୍ୟ, ପ୍ରଫୁଲ୍ଲିତ ମନ, ଦ୍ରବ୍ୟ ଲାଭ, ଯାନ୍ତ୍ରିକ ତ୍ରୁଟି, ଦ୍ୱନ୍ଦ୍ୱରେ ପଡ଼ିବେ, ଭ୍ରମଣ ସୁଖ, ନୂତନ ମୈତ୍ରୀ, ମଙ୍ଗଳୋତ୍ସବ କାର୍ଯ୍ୟ, ରାଜନୈତିକ ପ୍ରତିଷ୍ଠା, ସନ୍ତାନଙ୍କ କୃତିତ୍ୱ, ବିଦେଶଯାତ୍ରା।

**ମିଥୁନ**



ବନ୍ଧୁ ସହଯୋଗ, ଅର୍ଥ ଲାଭ, ପ୍ରଶଂସିତ ହେବେ, ପାରିବାରିକ ବିଶୃଙ୍ଖଳା, ନିର୍ମାଣରେ ପ୍ରତିବନ୍ଧକ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ବୈବାହିକ ପ୍ରସ୍ତାବ, ସ୍ତ୍ରୀଙ୍କ ପରାମର୍ଶ, ପଡ଼ୋଶୀଙ୍କ ସାହାଯ୍ୟ।

**କର୍କଟ**



ସମସ୍ୟାବହୁଳ କର୍ମକ୍ଷେତ୍ର, ଜଞ୍ଜାଳ ବଢ଼ିଯିବ, ମାନସିକ ଚାପ ବୃଦ୍ଧି, ଅବସର ପାଇବେନି, ଶୁଭ ଖବର ପ୍ରାପ୍ତି। ଦୂରସ୍ଥାନକୁ ଯାତ୍ରା, ପ୍ରତିଯୋଗିତାରେ ସଫଳତା, ଅର୍ଥ ସଙ୍କଟ ଟଳିଯିବ, କଳପ୍ରିୟ ହେବେ, ଜମିଜମା ବିବାଦ, ଆଇନ ସହାୟତା।

**ସିଂହ**



ମାନସିକ ଅସୁସ୍ଥତା, ଅଧସ୍ତନଙ୍କ ବିରୋଧ, ଧନ ବ୍ୟୟ, ସମ୍ପର୍କ ହାନି, ପରିସ୍ଥିତିର ମୁକାବିଲା, ଧର୍ମକାର୍ଯ୍ୟ ପ୍ରତି ରୁଚି, ବ୍ୟବସାୟିକ ସଫଳତା, ସଭାସମିତିକୁ ଆହ୍ୱାନ।

**କନ୍ୟା**



ଉତ୍ସାହିତ ହେବେ, ସହାୟତା ପାଇବେ, ସମ୍ମାନ, ଦୁଃସାଧ୍ୟ କାର୍ଯ୍ୟ ସାଧନ। ପାରିବାରିକ ସମର୍ଥନ, ବୁଦ୍ଧିଜୀବୀଙ୍କ ପରାମର୍ଶ, ପରୋକ୍ଷ ଶତ୍ରୁତା, ଆର୍ଥିକ ଦୁରବସ୍ଥା, କର୍ମଚାରୀଙ୍କ ଅସହଯୋଗ।

**ତୁଳା**



ବୁଦ୍ଧିଜୀବୀଙ୍କ ପରାମର୍ଶ, ବନ୍ଧୁଙ୍କ ପ୍ରେରଣା, କୂଟନୈତିକ ସଫଳତା। ଭୂସମ୍ପତ୍ତି ବିବାଦ, ଅର୍ଥସଂକଟ, ଏଜେନ୍ସିପ୍ରରେ ଉନ୍ନତି, ପାରିବାରିକ ସହଯୋଗ, ଉତ୍ତମ ବୁଝାମଣା, ନୂତନ କର୍ମାରମ୍ଭ, ସହକର୍ମୀଙ୍କ ସାହାଯ୍ୟ, ମନୋରଞ୍ଜନ।

**ବିଛା**



ଶାରୀରିକ ଅସୁସ୍ଥି, ପରିବାରରେ ଝଡ଼, ବନ୍ଧୁଙ୍କ ବିରକ୍ତି, ଅସମ୍ପୂର୍ଣ୍ଣ କାର୍ଯ୍ୟ, ପଡ଼ୋଶୀଙ୍କ ଅନାଦର, ପଦମର୍ଯ୍ୟାଦା ବୃଦ୍ଧି, ଆଶା ଅନୁରୂପ ଫଳ। ବ୍ୟବସାୟରେ ପ୍ରତିବନ୍ଧକ, ସନ୍ତାନଙ୍କ କୃତିତ୍ୱ, ଗବେଷଣାରେ ଅଗ୍ରଗତି।

**ଧନୁ**



ଉଚ୍ଚ ସମ୍ମାନ, ଖୁସିର ଆସର, ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ, ସମସ୍ୟାର ସମାଧାନ। ନଷ୍ଟଦ୍ରବ୍ୟ ପ୍ରାପ୍ତି, ସ୍ଥିରୀକୃତ ବିବାହ, ପରିବହନରେ ଝଗଡ଼ା, ଶିଳ୍ପ ବାଣିଜ୍ୟରେ ଉନ୍ନତି, ପରୋକ୍ଷ ଶତ୍ରୁତା, ସରକାରୀ ସାହାଯ୍ୟ।

**ମକର**



ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଆର୍ଥିକ ଦୁରବସ୍ଥା, ସଭାସମିତିକୁ ଆହ୍ୱାନ, ସାହିତ୍ୟ କୃତିରୁ ପ୍ରଶଂସା, ସାମ୍ବାଦିକତାରୁ ଗୌରବ, ବିବାଦରେ ବିଜୟ, କ୍ରୀଡ଼ାରେ ସଫଳତା, ଉଚ୍ଚଶିକ୍ଷାରେ ବାଧା, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ।

**କୁମ୍ଭ**



କାର୍ଯ୍ୟସିଦ୍ଧି, ବନ୍ଧୁ ବତ୍ସଳତା, ଅର୍ଥ ସମ୍ମାନ ପ୍ରାପ୍ତି, ସମସ୍ୟା ସୁଧାରିବେ, ମନୋବଳ ବୃଦ୍ଧି। ପଡ଼ୋଶୀଙ୍କ ଅସହିଷ୍ଣୁତା, ସହକର୍ମୀଙ୍କ ଅପପ୍ରଚାର, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ବିସ୍ମୟକର ଖବର, ସମ୍ପର୍କରେ ବାଧା, ବାଣିଜ୍ୟରେ କ୍ଷତି, ନୈତିକତାର ଅବକ୍ଷୟ।

**ମୀନ**



ଅତୀତ ଅନୁଚିନ୍ତା, ଅର୍ଥ ସମ୍ପର୍କିତ ବିବାଦ, ଶତ୍ରୁଙ୍କ କୁଷାରଚନା, ପ୍ରତିଯୋଗିତାରେ ସଫଳତା, ଶୁଭ ଖବର ପ୍ରାପ୍ତି, ସମସ୍ୟାର ସମାଧାନ, ପାରିବାରିକ ସହଯୋଗ, ଧର୍ମକାର୍ଯ୍ୟରେ ସଙ୍କଟ, ବକେୟା ପ୍ରାପ୍ତିରେ କଳହ, ଶୁଣାକଥାରେ ବ୍ୟସ୍ତତା।

# ନିଆରା ରେକର୍ଡ

ନାଁ ଏବଂ ପ୍ରସିଦ୍ଧି ଲାଭ କରିବା ଲାଗି ଲୋକେ ବିଭିନ୍ନ ପ୍ରକାର ପନ୍ଥା ଆପଣେଇଥାନ୍ତି। କିଛି ବ୍ୟକ୍ତିଙ୍କୁ ଏହା ଶର୍ଟକଟ୍‌ରେ ମିଳିଯାଉଥିବା ବେଳେ କିଛି ଲୋକ ଏଥିପାଇଁ ନିଜ ଜୀବନକୁ ବାଜି ଲଗେଇଦେବାକୁ ମଧ୍ୟ ପଛାନ୍ତି ନାହିଁ। ସେହିଭଳି ଜଣେ ଅଦ୍ଭୁତ ମହିଳା ହେଉଛନ୍ତି ଜୋଏ ଇଲିସ୍। ଜୋଏ ଚଳନ୍ତା ଟେବୁଲ ଫ୍ୟାନକୁ ଜିଭ ସାହାଯ୍ୟରେ ଅଟକାଇ କରିଛନ୍ତି ରେକର୍ଡ। ଜୋଏ ପେଷାରେ ଜଣେ ସର୍କସ୍ ଆର୍ଟିଷ୍ଟ। କିଛି ନିଆରା କରିବା ଲକ୍ଷ୍ୟ ନେଇ ଜୋଏ ଏଭଳି ଏକ ଅଭ୍ୟାସ କରିବା ଆରମ୍ଭ କରିଥିଲେ। ପରବର୍ତ୍ତି ସମୟରେ ସେ ଗୋଟିଏ ମିନିଟ୍‌ରେ ୨ଟି ଦ୍ରୁତ ଚାଳିତ



ବୈଦ୍ୟୁତିକ ଫ୍ୟାନକୁ ୩୨ଥର ନିଜ ଜିଭ ସାହାଯ୍ୟରେ ଅଟକାଇ ସ୍ଥାନ ପାଇଛନ୍ତି ଗିନିଜ ୱାର୍ଲ୍ଡ ରେକର୍ଡରେ।

# ପାଠକୀୟ

■ କରୋନା ଭାଇରସ୍, ଏବେ ଏକ ଆତଙ୍କର ନାଁ। ମଧ୍ୟ ଚାଇନାରୁ ଏହାର ସୃଷ୍ଟି। ହେଲେ ଏବେ ତାହା ଧୀରେ ଧୀରେ ବିସ୍ତାର କରିବାରେ ଲାଗିଛି ତା'ର କାୟା। ସାମାନ୍ୟ କାଶ, ଛିଙ୍କ ହେଲେ ବି ମନରେ ଛନକା ପଶିଯାଉଛି। ସେଇଥିପାଇଁ ତ ତାକୁ ରୋକିବା ଲାଗି ସାରା ବିଶ୍ୱରେ ସମସ୍ତେ ଦିନରାତି ଏକ କରି ଦେଇଛନ୍ତି। ତେବେ ଡାକ୍ତର ପରାମର୍ଶ ଦେଉଛନ୍ତି ଆତଙ୍କିତ ନ ହୋଇ ସତର୍କ ରହିବା ଜରୁରୀ। ତେଣୁ କରୋନା ଭାଇରସ୍‌କୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ଉପାଦେୟ ବିଷୟ ଥିଲା। 'ଦୁନିଆରେ କିଛି ଅଜବ ପ୍ରଥା' ଏବଂ 'ମନୁଷ୍ୟକୃତ ଇନ୍ଦ୍ରଧନୁ' ଆଦି ପାଠରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

**-ଅମରେଶ ମହାନ୍ତି, ରାଉରକେଲା**

■ ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'କରୋନା' ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। ଏଥିରୁ ରୋଗର ଲକ୍ଷଣ ଓ ତା'ର ନିରାକରଣ ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ଜାଣିବାକୁ ମିଳିବାରୁ ଆପଣଙ୍କୁ ଅଶେଷ ଧନ୍ୟବାଦ। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ଲୋକପ୍ରିୟ ଲେଖକ ତଥା ମ୍ୟୁଜିକ୍ କମ୍ପୋଜର୍ ଆଣ୍ଟୋନୀ ବର୍ଗେସଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'କମ୍ବଳ' ନାମକ ଗପଟି ବି ବହୁତ ଭଲ ହୋଇଥିଲା।

**-ରାକେଶ ଷଡ଼ଙ୍ଗୀ, ଭବାନୀପାଟଣା**

■ ସିନେମା ପୃଷ୍ଠା ପଢ଼ିବାକୁ ମୋତେ ବହୁତ ଭଲ ଲାଗେ। ଏଥରର ସଂଖ୍ୟାରେ 'ରିଆଙ୍କ ସହ ଶଫିଂ, 'ପ୍ରେମ ପାଇଁ ଟେନ୍‌ସନ୍' ଏବଂ 'ଅକ୍ଟୋବର ୨କୁ ଅପେକ୍ଷା' ଆଦି ପାଠଗୁଡ଼ିକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ବରିଷ୍ଠ ଚିତ୍ରଶିଳ୍ପୀ, ଗବେଷକ ତଥା ଲେଖକ ଦୁର୍ଗା ଚରଣ ପଣ୍ଡାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ବେଶ୍ ଛୁଇଁ ପାରିଥିଲା।

**-ଚିତ୍ତରଞ୍ଜନ ମହାନ୍ତି, ନିମାପଡା, ପୁରୀ**

■ 'କୁଟ୍ ବ୍ୟାଗର ଫ୍ୟାଶନ' ପାଠରୁ ଫ୍ୟାଶନର ଏକ ଲାଟେଷ୍ଟ ଟ୍ରେଣ୍ଡ ସମ୍ପର୍କରେ ଜାଣିହେଲା। ମଡେଲ୍ ମିରରରେ 'ସୌମ୍ୟା' ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ ପବିତ୍ର ତୀର୍ଥସ୍ଥଳୀ 'ଚିତ୍ରକୂଟ ଧାମ' ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। କାର୍ଟୁନ କର୍ନର ଓ ହାଃ ହାଃ ଭାରି ମଜାଳିଆ ହେଉଥିବାରୁ ଭଲ ଲାଗୁଛି।

**-ବନ୍ଦନା, ଛବିତା ମିଶ୍ର, ବରମୁଣ୍ଡା, ଭୁବନେଶ୍ୱର**

■ ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଛୋଟ ଛୋଟ ତଥା ଆଶ୍ଚର୍ଯ୍ୟକର ଲେଖାଗୁଡ଼ିକୁ ପଢ଼ିଲେ ଭାରି ମଜା ଲାଗୁଛି। ସେହିପରି ଯାତ୍ରା ସମ୍ପର୍କିତ ଲେଖା ବି ବେଶ୍ ମନଛୁଆଁ ହୋଇପାରୁଛି। ଅନ୍ୟପକ୍ଷରେ ସବୁଥରର ପ୍ରଥମ ରୋଜଗାର ଲେଖାଟି ଜୀବନର ଗତିପଥରେ ଆଗକୁ ଆଗେଇବା ପାଇଁ ପ୍ରେରଣା ଯୋଗାଇପାରୁଛି।

**-ପ୍ରଦୋଷ ଦାଶ, ନାରୁଣୀ, ଖୋର୍ଦ୍ଧା**

## ବିଶେଷ ଚିଠି



କି କିମିଆଁ କଲୁ ଛୁଟିଦିନ ମୋତେ
ତୋ ପ୍ରେମରେ ହେଲି ବାଇ,
ରବିବାରେ ତତେ ନ ଦେଖିଲେ ସତେ
କିଛି ଭଲ ଲାଗେ ନାହିଁ।
କୌଣସି କାମରେ ମନ ଲାଗେ ନାହିଁ
ହୁଏ ଭାରି ଅମାନିଆ,
ପ୍ରିୟ ଛୁଟିଦିନ ତତେ ମୋର ରାଣ
ଧରିତ୍ରୀ ସାଥୀରେ ଆ।
ଗପ ଓ କବିତା ସିନେମା ବାରତା
ଆଣ ମନଛୁଆଁ ଲେଖା,
ଯିଏ ବି ପଢ଼ିବ ଜ୍ଞାନ ବୃଦ୍ଧି ହେବ
ଲଭିବ ଅନେକ ଶିକ୍ଷା।

**-ଡ.ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ପହିଲି ଗାଡ଼ି





**ପଚାଶ ଦଶକରେ ଗାଁ ଗହଳି ଲୋକଙ୍କ ପାଇଁ ବସ୍‌କୁ ନେଇ ଅପେକ୍ଷା ଆଉ ବସ୍‌ରେ ଯାତ୍ରା କରିବାର ସେହି ପହିଲି ଅନୁଭବ ଆଜିର ଯେକୌଣସି ବିଳାସମୟ ଯାତ୍ରାଠୁ ବି ମଧୁର, ରୋମାଞ୍ଚକର । ସେହି ସମୟରେ ପ୍ରଥମଥର ଯାତ୍ରା କରିବାର ନିଆରା ଅନୁଭୂତିକୁ ନେଇ ଉପସ୍ଥାପନା....**

ରାତି ପାହିବାକୁ ଘଡ଼ିଏ ବାକିଥାଏ । ଗଣ୍ଠିଲି ମୁଣ୍ଡେଇ ଗାଁ ଦାଣ୍ଡରେ ଧପ୍ ଧପ୍ ଚାଲିଥା'ନ୍ତି ଜଣେ । ପଛେ ପଛେ ଛୁଆ ହାତଧରି ଆସୁଥାନ୍ତି ତାଙ୍କ ସ୍ତ୍ରୀ । ଦୂରରୁ କୁକୁରର ଭୋ ଭୋ ରଡି ଆଉ କୁଆଙ୍କ କା କା ରାବ । ଗାଁ ମୁଣ୍ଡ ପୋଖରୀ ତୁଠ ପାଖରେ ବାଡ଼ିଧରି ଠିଆ ହୋଇଥାନ୍ତି ଜଣେ ବୃଦ୍ଧ । ଗଳା ଖଙ୍କାରି ପଚାରିଲେ କିରେ... କୁଆଡ଼େ । କକା ବସ୍‌ରେ ଯିବୁ । ଓଃ ... କୋଉଠିକି । ପୁରୀ ଯିବୁ । ଆହା... କାଳିଆର ଡୋରି ଲାଗିଗଲା । କେଡ଼େ କପାଳିଆଟାରେ । ମୋ' କଥା ଦିଅଁଙ୍କୁ ଜଣେଇଦେବୁ । ଜମା ଭୁଲିବୁନି । ଯା ଯା, ଦେଖିଦେଖି ଯିବୁ । ସକାଳ ଗାଡ଼ିଟା ଯେମିତି ହେଲେ ମିଳିଯାଉ । ନ ହେଲେ ଅନେଇ ଥା ... ।

ଗାଁ ମୁଣ୍ଡ ଛକ । ଠାକୁରାଣୀ ବରଗଛ ପାଖରେ ଗଣ୍ଠିଲି ଧରି ଠିଆ ହୋଇଥାନ୍ତି ଆଉ କେତେ ଜଣ । ପୂର୍ବଦିଗରେ ସୂର୍ଯ୍ୟ ଉଇଁ ଆସୁଥାନ୍ତି । ଏତିକି ବେଳେ ଘଡ଼ଘଡ଼ ଶବ୍ଦ ଶୁଭିଲା । ଛୁଆଟିଏ ତାଳିମାରି ଡେଇଁପଡ଼ି ବଡ଼ପାଟିରେ କହିଲା ମା' ଲୋ ମା' ହେଇ ଦେଖ୍ । ଆସୁଛି ନାଲି ଗାଡ଼ି । କିଛି ସମୟ ପରେ ଆସି ଅଟକିଲା ଗାଡ଼ି । ରୁହ ରୁହ ଓହ୍ଲେଇଲା ପରେ ଉଠିବ କହୁଥାଏ ଗାଡ଼ିର ହେଲ୍‌ପର । ଦୁଇଜଣ ବସ୍ ଭିତରୁ ତଳକୁ ଓହ୍ଲାଇ ଆସିଲେ । କୋଉଠିକି ଯିବ ମଉସା । ଆସ ଭିତରକୁ ଆସ । ପରେ ପଇସା ଦେବ କହୁଥାନ୍ତି କଣ୍ଡକ୍ଟର । ଅପେକ୍ଷା କରିଥିବା ଲୋକସବୁ ବସ୍‌କୁ ଉଠିଗଲେ । ଢଙ୍ଗ୍‌ଢଙ୍ଗ୍ କରି ଘଣ୍ଟି ବାଜିଲା । ପୁଣି ଘଡ଼ଘଡ଼ ଶବ୍ଦ କରି ବସ୍ ଚାଲିଲା ଆଗକୁ । ଏତିକିବେଳେ ମୁଣ୍ଡରେ ଗାମୁଛା ଗୁଡ଼ାଇଥିବା ଭେଣ୍ଡିଆଟାଏ ଗାଇଉଠିଲା ସକାଳର ଗାଡ଼ି... ଗଲା ଗଡ଼ିଗଡି । ଏଇ କଥା ସେଇ ସମୟର ଯେତେବେଳେ ଗାଡିଟିଏ ଦେଖିବା ଓ ସେଥରେ ସିଟ୍‌ଟିଏ ପାଇ ଯାତ୍ରା କରିବା ଥିଲା ଗୋଟିଏ ବହୁତ ବଡ ଖୁସିର କଥା । ସେହି ସମୟରେ ପ୍ରଥମଥର ଯାତ୍ରା କରିବାର ନିଆରା ଅନୁଭୂତିକୁ ନେଇ ଉପସ୍ଥାପନା....

## ମୋଟରରେ ବସିବା ପାଇଁ ରାତିସାରା ନିଦ ନ ଥାଏ

***-ଅଲେଖ ଚନ୍ଦ୍ର ମିଶ୍ର, ଲେଖକ***

ବସ୍‌ଯାତ୍ରାର ପ୍ରଥମ ଅନୁଭୂତି କଥା ମନେ ପଡ଼ିଲେ ମନ ଆପେ ଟାଣି ହୋଇଯାଏ କାହିଁ କେତେ ବର୍ଷ ତଳକୁ । ଯାହାର ସ୍ମୃତି ଏବେ ଝାପ୍ସା ହୋଇ ଆସିଲାଣି । ପ୍ରାୟ ସତୁରି ବର୍ଷ ତଳେ ଗମନାଗମନର ଯେଉଁ ବ୍ୟବସ୍ଥା ଥିଲା ତାହା କେବଳ ଅଙ୍ଗେ ନିଭେଇଥିବା ଲୋକ ହିଁ ଜାଣେ । ଅବିଭକ୍ତ କଟକ ତଥା ବର୍ତ୍ତମାନର କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ କରିଲୋପାଟଣା ଗ୍ରାମରେ ମୋର ଜନ୍ମ । ସେତେବେଳେ ବସ୍ ନୁହେଁ ମୋଟର ଥିଲା । ମଫସଲ୍ ଗାଁରେ ମୋଟରଟିଏ ଦେଖିବା ସାତ ସପନ । କଟକ ଯିବାକୁ ପଡ଼ିଲେ ଯାନର ଆବଶ୍ୟକତା ପଡ଼େ । କିନ୍ତୁ ସେତେବେଳେ ଜମ୍ବୁ କେନାଲରେ ନିୟମିତ ଲଞ୍ଚ ସର୍ଭିସ୍ ଥିବାରୁ ଲୋକେ ତାହାରି ସାହାଯ୍ୟରେ ଜଗତ୍‌ପୁର (ବର୍ତ୍ତମାନ କେନ୍ଦ୍ରାପଡ଼ା ରୋଡ଼) ଦେଇ ବିରୂପା ଓ ମହାନଦୀ ପାରି ହୋଇ କଟକର ଯୋବ୍ରାସ୍ଥିତ ଲଞ୍ଚଘାଟରେ ପହଞ୍ଚୁଥିଲେ । ଯେଉଁମାନେ ମୋଟରରେ ଯିବାକୁ ଚାହୁଁଥିଲେ ତାଙ୍କୁ ଟିକେ ଅଧିକ କଷ୍ଟ କରିବାକୁ ପଡୁଥିଲା । ୧୯୫୦ ମସିହା କଥା । କଟକରେ ସରକାରୀ ଚାକିରି କରୁଥିବା କକେଇଙ୍କ ପାଖକୁ ଯିବାପାଇଁ ପ୍ରଥମଥର ସୁଯୋଗ ମିଳିଲା । କଟକ ସହର ଦେଖିବା ପାଇଁ ଯେତିକି ଆଗ୍ରହ, ମୋଟରରେ ବସିବା ପାଇଁ ସେତିକି ଆଗ୍ରହ । ଆମ ଗାଁରୁ ମୋଟର ଷ୍ଟାଣ୍ଡ (ଚାନ୍ଦୋଳ)ର ଦୂରତା ପ୍ରାୟ ସାତ କିଲୋମିଟର । ଚାଲି ଚାଲି ଯିବା ଛଡ଼ା ଅନ୍ୟ ଉପାୟ ନ ଥାଏ । ରାତିସାରା ନିଦ ନ ଥାଏ । ଭୋର୍‌ରୁ ଉଠି ନିତ୍ୟକର୍ମ ସାରି ବାହାରି ପଡ଼ିଲୁ । କାରଣ ମୋଟରର ଆସିବା ସମୟ ସାତଟା । ତାକୁ ଧରି ନ ପାରିଲେ ପୁଣି ଯାଇ ୧୨ଟାରେ । ଧଇଁସଇଁ ହୋଇ ଚାଲି ଚାଲି ଚାନ୍ଦୋଳରେ ପହଞ୍ଚିଲାବେଳକୁ ସାତଟା ବାଜିବାକୁ କୋଡ଼ିଏ ମିନିଟ୍ ବାକିଥାଏ । ସୁସ୍ଥିର ନିଃଶ୍ୱାସଟିଏ ମାରି ବସିପଡ଼ିଲୁ । ମୁଁ ଖାଲି କନ୍‌କନ୍ ହୋଇ ରାସ୍ତାକୁ ଚାହୁଁଥାଏ । ମୋଟର କେତେବେଳେ ଆସିବ । କିନ୍ତୁ ସେ ଆସୁ ନ ଥାଏ । ଚାହିଁ ଚାହିଁ ୮ଟା ବାଜିଲା । ତଥାପି ମୋଟରର ଦେଖା ନାହିଁ । କିଛି ସମୟ ପରେ ଭଁ ଭଁ ରଡ଼ି ଶୁଭିଲା । ସେଠାରେ ଅପେକ୍ଷା କରିଥିବା ଆଠଦଶ ଜଣ ଲୋକ 'ହେଇ ମୋଟର ଆସିଗଲା, ଆସିଗଲା' କହି ପାଟି କମ୍ପେଇଲେ । ସତକୁ ସତ ମୋଟରଟିଏ ଆସି ସେଠି ଅଟକିଲା । ହେଲେ ବସିବାକୁ ଜାଗା ନ ଥିଲା । ସେତେବେଳେ ଦୁଇ ପ୍ରକାରର ସିଟ୍ ଥିଲା ଅପରକ୍ଲାସ୍ ଓ ଲୋୟର କ୍ଲାସ୍ । ଅପରକ୍ଲାସ୍ ପାଇଁ ଭଡ଼ା ଛ'ଅଣା, ଲୋୟର କ୍ଲାସ ପାଇଁ ଚାରଣା । ମାତ୍ର ଦୁଇଅଣା ସେତେବେଳେ ବହୁତ ବଡ଼କଥା । ତେଣୁ ଲୋୟର କ୍ଲାସ୍‌ରେ ଭୋକ ଭିଡ଼ାଭିଡ଼ି ହେଉଥିଲେ ବି ଅପର କ୍ଲାସ୍‌ରେ ସିଟ୍ ଖାଲିଥିଲା । ଭାଗ୍ୟ ଭଲ ଆମକୁ ମିଳିଗଲା । ମୁଁ ଖାଲି ମୋଟରଗାଡ଼ିକୁ ଚାହୁଁଥାଏ । ସମୁଦାୟ କୋଡ଼ିଏ ସରିକି ସିଟ୍ ଥିବା ଏୟାର ହର୍ନ ଲାଗିଥିବା ମୋଟରଗାଡ଼ିକୁ କେହି କେହି ଦିଆସିଲି ଖୋଳ ବସ୍ ବୋଲି କହୁଥିଲେ । ଅନେକ ସମୟ ପରେ ମୋଟରଟି ସାଲେପୁରରେ ପହଞ୍ଚିଲା । ଡ୍ରାଇଭର ଗାଡ଼ି ରଖି ତାଗିଦ୍ କଲା । ''ଯାଅ, ଯିଏ ଜଳଖିଆ ଖାଇବା କଥା ଖାଅ । କିନ୍ତୁ ଦଶମିନିଟ୍ ଭିତରେ ଫେରି ଆସିବ । ନ ହେଲେ ମୋଟର ଛାଡ଼ିଦବ ।'' କଟକ ଯିବାକୁ ହେଲେ ଜଗତ୍‌ପୁର (ବର୍ତ୍ତମାନ କେନ୍ଦ୍ରାପଡ଼ା ରୋଡ଼) ଥିଲା ମୋଟର ଶେଷ ଷ୍ଟପ୍ । କାରଣ ମହାନଦୀ ପୋଲ ସେତେବେଳକୁ ତିଆରି ହୋଇ ନ ଥିଲା । ଜଗତପୁରରୁ ଆନିକଟ୍ ରାସ୍ତାରେ ଚାଲି ଚାଲି ନ ହେଲେ ଘୋଡ଼ା ଗାଡ଼ିରେ ବସି ଯୋବ୍ରାରେ ପହଞ୍ଚିବାକୁ ପଡୁଥିଲା ।

୧୯୫୫-୫୬ରେ କଟକର କିଲ୍ଲା ମୈଦାନସ୍ଥିତ ତତ୍କାଳୀନ ଟ୍ରାନ୍ସପୋର୍ଟ କଣ୍ଟ୍ରୋଲର ଅଫିସ୍ ଓଡ଼ିଶାରେ ସରକାରୀ ବସ୍ ସର୍ଭିସ୍ ଆରମ୍ଭ କଲେ ଏବଂ ସର୍ବପ୍ରଥମ ସରକାରୀ ବସ୍ (ଏସ୍‌ଟିଏସ୍-ଷ୍ଟେଟ୍ ଟ୍ରାନ୍ସପୋର୍ଟ ସର୍ଭିସ୍) କେନ୍ଦ୍ରାପଡ଼ା ରୁଟ୍‌ରେ ଚାଲିଲା । ତା'ପରେ ମହାନଦୀରେ ବସ୍ ପୋଲ ହେଲା ଏବଂ ସିଧାସଳଖ କଟକ ସହିତ ଗମନାଗମନର ସୁବିଧା ଉପଲବ୍ଧ ହେଲା । କାଳକ୍ରମେ ଆମ ଗାଁ ନଦୀ (ଲୁଣା କରାଣ୍ଡିଆ) ଉପରେ ପୋଲ ନିର୍ମିତ ହେଲା (କରିଲୋପାଟଣା ବ୍ରିଜ୍) ଏବଂ ଯାତାୟାତ ଖୁବ୍ ସହଜ ହୋଇଗଲା । ଭୁବନେଶ୍ୱରରୁ ଆମ ଗାଁର ଦୂରତା ମାତ୍ର ଅଶୀ କିଲୋମିଟର । ଅତିବେଶିରେ ୨ଘଣ୍ଟାର ରାସ୍ତା । ଏବେ କାର୍‌ରେ ଯିବାବେଳେ ପୁରୁଣା କଥା ମନେ ପକେଇ ପିଲାଙ୍କ ଆଗରେ ବର୍ଣ୍ଣନା କଲାବେଳେ ସେମାନେ ତାକୁ ବିଶ୍ୱାସ କରୁନାହାନ୍ତି । ଆଃ ଯୁଗ କେତେ ବଦଳିଗଲା ।

## ବସ୍ ଚାଲିଯିବ ବୋଲି ରାତି ଥାଉ ଥାଉ ବାହାରିଥିଲୁ

***-ପ୍ର. ରମେଶ ଚନ୍ଦ୍ର ପରିଡ଼ା, ବିଶିଷ୍ଟ ଶିକ୍ଷାବିତ୍***

ମୋ ଗାଁ ନାଁ ଯମପଡ଼ା- କେନ୍ଦ୍ରାପଡ଼ା ସହରଠାରୁ ୮/୧୦ କିଲୋମିଟର ଦୂର । ଆଗେ କଟକ ଥିଲା ଆମ ଜିଲାର ସଦର ମହକୁମା । ସେଠାକୁ ଯିବାକୁ ହେଲେ ଚାଲି ଚାଲି ବାଟରେ ଦୁଇଦୁଇଟା ବଡ଼ ନଈ ଓ ଗୋଟିଏ କେନାଲ

→




ଡା. ସୁବୋଧ କୁମାର ସାହୁ


ପ୍ର. ରମେଶ ଚନ୍ଦ୍ର ପରିଡ଼ା


ପ୍ରଫୁଲ୍ଲ ଚନ୍ଦ୍ର ଧୀର


କିଶୋର ଚନ୍ଦ୍ର ବିଶୋଇ




ଡାକ୍ତର ବାସୁଦେବ ପ୍ରଧାନ


ବାଞ୍ଛାନିଧି ବିଶୋୟୀ


ଅଲେଖ ଚନ୍ଦ୍ର ମିଶ୍ର


ପ୍ରଶାନ୍ତ ଦାସ


ରଞ୍ଜିତା ଜେନା

ପାର ହୋଇ କେନ୍ଦ୍ରାପଡ଼ାରୁ ବସ୍ ଧରିବାକୁ ହେଉଥିଲା।

ମୁଁ ବସ୍‌ରେ ବସି କଟକ ଯିବାର ପ୍ରଥମ ସୁଯୋଗ ପାଇଥିଲି ୧୯୬୦ ମସିହାରେ। ସେତେବେଳେ ମୁଁ ନବମ ଶ୍ରେଣୀରେ ପଢ଼ୁଥିଲି। ସରସ୍ୱତୀ ପୂଜାର ଠିକ୍ ପୂର୍ବଦିନ ଦାଦା ମୋତେ ଓ ଖୁଡ଼ୀକୁ ନେଇ ବାହାରିଲେ ପୁରୀ। ରାତି ଥାଉଁ ଥାଉଁ ଆମେ ଘରୁ ବାହାରି ପଡ଼ିଲୁ। କେନ୍ଦ୍ରାପଡ଼ାରେ ପହଞ୍ଚିଲା ବେଳକୁ ଶେଷ ବସ୍‌ଟି ଛାଡ଼ିବାକୁ ବସିଛି। ପୁଣି ଯାଇ ଉପରବେଳା। ଏଣୁ ତରତର ହୋଇ ଆମେ ସେଥିରେ ଚଢ଼ିଲୁ। ବସିବାକୁ ଜାଗା ନ ଥିଲା। କଣ୍ଡକ୍ଟର ଖୁଡ଼ୀକୁ କୌଣସିମତେ ଖୁନ୍ଦାଖୁନ୍ଦି କରି ବସାଇ ଦେଲା। ଦାଦା, ମୁଁ ଓ ଆଉ କେତେ ଯାତ୍ରୀ ଠିଆ ହୋଇ ରହିଲୁ। ସେତେବେଳର ଏହି ଘରୋଇ ବସ୍‌ଗୁଡ଼ିକ ଖୁବ୍ ସାନ ଥିଲା। କିଛି ସମୟ ପରେ କ୍ଲିନର ଇଞ୍ଜିନ୍‌ରେ ଲୁହା ରଡ୍‌ଟିଏ ପୁରାଇ ଘୂରାଇବାରୁ ଫଟ ଫଟ୍ ହୋଇ ଧୂଆଁ ଛାଡ଼ି ବସ୍ ଷ୍ଟାର୍ଟ ହେଲା। ତାହା ହଲିବାକୁ ଲାଗିଲା। ଏଣୁ ମୁଁ ପଡ଼ିଗଲି ପାଖ ସିଟ୍‌ରେ ବସିଥିବା ଦୁଇଜଣଙ୍କ ଉପରେ। ହେଲେ, ସେମାନେ ମୋ ଉପରେ ନ ରାଗି, ମୁଁ ପିଲାଟିଏ ବୋଲି ଦୟା କରି ତାଙ୍କ ପାଖରେ ଗୁଞ୍ଜି ହୋଇ ବସିବାକୁ ଜାଗା ଦେଲେ। ପ୍ରାୟ ଦୁଇଘଣ୍ଟା ପରେ ବସ୍ ପହଞ୍ଚିଲା ସାଲେପୁରଠାରେ। ସେଠାରେ ସବୁ ଯାତ୍ରୀ ଓହ୍ଲେଇଗଲେ ଜଳଖିଆ କରିବାକୁ। ଆମେ ବି ଗଲୁ। ଏହାର ପ୍ରାୟ ଘଣ୍ଟାକ ପରେ ବସ ଆସି ପହଞ୍ଚିଲା ଜଗତପୁରଠାରେ। ମହାନଦୀ ଉପରେ ପୋଲ ନ ଥିବାରୁ କଟକ ବସ୍‌ଗୁଡ଼ିକ ସେଇଠି ରହୁଥିଲା। ତା'ପରେ ସମସ୍ତେ ରେଳ ପୋଲ ଉପରେ ଚାଲି ଚାଲି କଟକ ଗଲୁ। ସେଠାରୁ ଆମେ ରେଳଗାଡ଼ି ଧରିଲୁ ପୁରୀ ପାଇଁ ଏବଂ ସେଠାରେ ପହଞ୍ଚି ଫେରିବା ବେଳକୁ ସନ୍ଧ୍ୟା ହୋଇଯାଇଥିଲା।

## ମୋଟରରେ ବସିବା ପାଇଁ ମନରେ ଭୟ ସହ ରୋମାଞ୍ଚ ବି ଥିଲା

***– ବାଞ୍ଛାନିଧି ବିଶୋୟୀ, ଅବସରପ୍ରାପ୍ତ ଡେପୁଟି ସେକ୍ରେଟାରୀ***

ଏ ହେଉଛି ସେ ସମୟର କଥା, ଯେତେବେଳେ ଭାରତ ଥିଲା ବ୍ରିଟିଶ ଶାସନ ଅଧୀନରେ। ମୋ ଜନ୍ମ ମଧ୍ୟ ସେହି ସମୟରେ। ଅର୍ଥାତ ୧୯୨୫ ମସିହାରେ ମୋ ଜନ୍ମ। ଆମ ଗାଁ ଗଞ୍ଜାମ ଜିଲାର କତକଲା। ସେତେବେଳେ ଆମ ଗାଁରେ ଏକ ଚାଟଶାଳୀ ସ୍କୁଲ ଥିଲା। ସେଠାରେ ପ୍ରଥମରୁ ୫ମ ଶ୍ରେଣୀ ଯାଏ ଥାଏ। ମୁଁ ସେଠାରେ ୫ମ ଯାଏ ପାଠ ଶେଷ କରି ଗାଁ ପାଖରେ ଥିବା ବୁଗୁଡା ସ୍କୁଲରେ ଅଷ୍ଟମ ଶ୍ରେଣୀ ଯାଏ ପଢ଼ିଲି। ଆମେ ସେଠାକୁ ପ୍ରାୟ ୨–୩ କିଲୋମିଟର ଚାଲି ଚାଲି ଯାଉଥିଲୁ। ଗାଁ ରେ ସେତେବେଳେ କାହାର ମଧ୍ୟ ସାଇକେଲଟିଏ ନ ଥିଲା। ଆଖପାଖ ସ୍ଥାନକୁ ଲୋକେ ଚାଲିକରି ଯାଉଥିଲେ। ଟିକିଏ ଦୂର ସ୍ଥାନ ଯିବାକୁ ହେଲେ ଶଗଡର ବ୍ୟବହାର କରୁଥିଲେ। ମୁଁ ମଧ୍ୟ ମାମୁ ଘରକୁ ବହୁବାର ଶଗଡରେ ଯାଇଛି। ଗାଁ ସ୍କୁଲରେ ଅଷ୍ଟମ ଶ୍ରେଣୀ ଯାଏ ପଢ଼ିସାରିବା ପରେ ଅଧିକ ପାଠ ପଢ଼ିବା ପାଇଁ ସୋରଡା ଗଲି। ସେତେବେଳ ଯାଏ ମଧ୍ୟ ମୁଁ ମୋଟରଯାନରେ ବସିବାର ସୁଯୋଗ ପାଇ ନ ଥାଏ। ସୋରଡାରେ ୩ ବର୍ଷ ମୁଁ ହଷ୍ଟେଲରେ ରହି ପଢ଼ିଲି। ୧୯୪୧ ରେ ମୁଁ ମାଟ୍ରିକ ପାସ୍ କରିବା ପରେ ହାୟର ଷ୍ଟଡି ପାଇଁ ବ୍ରହ୍ମପୁର ଗଲି। ସେତିକି ବେଳେ ମୁଁ ପ୍ରଥମ ଥର ଲାଗି ମୋଟର୍‌ରେ ବସିବାର ସୁଯୋଗ ପାଇଲି। ଆଜିକାଲି ଭଳି ସେତେବେଳେ ଏତେମାତ୍ରାରେ ଯାନବାହନ ଚଳପ୍ରଚଳ କରୁ ନ ଥିଲା। ଆମ ଗାଁ ପାଖରୁ ବ୍ରହ୍ମପୁର ଯିବା ଲାଗି କେବଳ ଗୋଟିଏ ହିଁ ମୋଟର ଥିଲା। ଗାଁରୁ ୨–୩ କିଲୋମିଟର ଚାଲିକରି ଯିବା ପରେ ମୋଟର ରହିବା ସ୍ଥାନରେ ପହଞ୍ଚୁ ଥିଲୁ। ସେଠାରେ ମୋଟର ଆସିବା ଯାଏ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡୁଥିଲା। ଯଦି କୌଣସି କାରଣବଶତଃ ମୋଟର ଫେଲ୍ ହୋଇଯାଏ ତେବେ ଅପେକ୍ଷା କରିବାକୁ ପଡେ ପୁଣି ମୋଟରଟିର ଫେରିବା ବାଟକୁ । ନଚେତ ଅନ୍ୟ କୌଣସି ମାଧ୍ୟମ ଆପଣେଇବାକୁ ହେଉଥିଲା। ମୋଟର୍‌ଟି ଦିନରେ ପ୍ରାୟ ୨ ରୁ ୩ ଥର ଯିବା ଆସିବା କରୁଥିଲା। ଆମ ଗାଁଠାରୁ ପ୍ରାୟ ୧୫ କିଲୋମିଟର ଗଲା ପରେ ବାଲିପଦର ବୋଲି ଏକ ସ୍ଥାନ ପଡେ। ସେଠାରୁ ୨–୩ଟି ମୋଟର ବିଭିନ୍ନ ସ୍ଥାନକୁ ଯା' ଆସ କରେ। ମୁଁ ବହୁବାର ମୋଟର ଫେଲ୍ ହୋଇଛି। ବାଧ ହୋଇ ୧୪–୧୫ କିଲୋମିଟର ଚାଲିକରି ଯିବା ପରେ ମୋଟରଟିଏ ପାଉଥିଲି। ତେଣୁ ସେ ସମୟରେ ସମୟକୁ ବେଶ୍ ଗୁରୁତ୍ୱ ଦେବାକୁ ପଡୁଥିଲା। ତେବେ ମୋର ପ୍ରଥମ ମୋଟର ଯାତ୍ରା ଥିଲା ବେଶ୍ ରୋମାଞ୍ଚକର। ପ୍ରଥମ ଥର ଲାଗି ମୋଟରଯାନରେ ବସିବାର ଅନୁଭବ ଅଙ୍ଗେ ନିଭେଇଥିବା ଲୋକ ହିଁ ଜାଣିପାରିବେ। ଟିକିଏ ଭୟ ଏବଂ ରୋମାଞ୍ଚର ମିଶାମିଶି ଭାବ ସେତେବେଳେ ମନକୁ ଆନ୍ଦୋଳିତ କରୁଥିଲା। ସେତେବେଳେ ଟିକେଟର ମୂଲ୍ୟ କିଲୋମିଟର ପ୍ରତି କିଛି ଅଣା ଥିଲା। ଆମ ଗାଁ ରୁ ବ୍ରହ୍ମପୁରକୁ ସେତେବେଳେ ଟିକେଟ ମୂଲ୍ୟ ଥିଲା ମାତ୍ର ୨ ଟଙ୍କା। ପକ୍କା ରାସ୍ତା ତ ନ ଥିଲା। ମାଟି ରାସ୍ତା ଦେଇ ମୋଟର ଯେତେବେଳେ ଗତି କରୁଥିଲା ଲାଗୁଥିଲା ସତେଯେମିତି ଦୋଳିରେ ଝୁଲିଝୁଲି ଯାଉଛୁ। ମୋଟର ବା ଟ୍ରେନ୍‌ରେ ଯାତ୍ରା କଲା ବେଳେ ଆଜି ବି ମୋର ଝରକା ପାଖ ସିଟ୍ ପସନ୍ଦ। ଝରକା ବାଟ ଦେଇ ବାହାରର ପ୍ରାକୃତିକ ଦୃଶ୍ୟ ଦେଖିବାରେ ମୁଁ ଏତେ ଭୋଳ ହେଇଯାଇଥାଏ ଯେ ବାଟ କେତେବେଳେ ସରିଯାଏ ଜଣା ପଡେନି। ଜଙ୍ଗଲ ରାସ୍ତା ଦେଇ ମୋଟରରେ ଯାଉଥିଲା ବେଳେ ସତେ ଯେପରି ଲାଗେ ଗଛଗୁଡିକ ଗତି କରୁଛନ୍ତି ଏବଂ ଆମେ ସ୍ଥିର ହେଇଯାଇଛୁ। ଗନ୍ତବ୍ୟ ସ୍ଥଳରେ ମୋଟର ପହଞ୍ଚିଗଲା ପରେ ଇଚ୍ଛା ନ ଥାଇ ବି ବାଧ ହୋଇ ଓହ୍ଲାଇବାକୁ ପଡୁଥିଲା। ଏପରି ଭାବେ ମୋ ପାଠ ପଢା ସ୍ଥଳରୁ ଗାଁ ପର୍ଯ୍ୟନ୍ତ ଯାତ୍ରା ମୋଟରରେ ସମାପ୍ତ ହେଲା।

## ବସ୍‌ରୁ ଓହ୍ଲାଇବାକୁ ଜମା ଚାହୁଁ ନ ଥିଲି–*ପ୍ରଶାନ୍ତ ଦାସ, କବି*

ସମୟ ଶୈଶବକୁ ଚୋରାଇ ନେଇଛି, ହେଲେ କେବେ କେବେ ସେହି ଶୈଶବର ସ୍ମୃତି ବର୍ତ୍ତମାନକୁ ମଧୁର କରିଥାଏ। ଛଅ ବର୍ଷର ଶିଶୁଟିଏ ବୁଢ଼ୀମା ସହ ବସରେ ସୋରରୁ ବାଲେଶ୍ୱର ଯିବାପାଇଁ ଖୁବ ସକାଳେ ନୂଆ ଶାର୍ଟ ପ୍ୟାଣ୍ଟ ପିନ୍ଧି ସଡକରେ ଧାଇଁ ଧାଇଁ ଚାଲିଛି। ବୁଢ଼ୀମା କହୁଛି ଏ ବସ୍‌ଟି ବାହାରିଗଲେ ଆଉ ପୁଣି ଦିନ ଦ୍ୱିପ୍ରହର। ଦିନତମାମ ତିନି ଚାରିଟି ବସ୍ ଯିବା ଆସିବା କରେ। ବସଷ୍ଟାଣ୍ଡରେ କିଛି ସମୟ ଠିଆ ହେବାପରେ ବସ ଆସିଲା । ସେଦିନର ସେହି ପିଲାଟି ମୁଁ। ମୁଁ ଝରକା ପାଖେ ବସି ବାହାରକୁ ଚାହିଁଲି। ବୁଢ଼ୀମା କହୁଥିଲା ହାତ ମୁଣ୍ଡ ବାହାରକୁ କାଢନା। ମୋ ହାତକୁ ଜୋର କରି ଧରିଥାଏ ବୁଢ଼ୀମା। ଟଙ୍ଗ ଟଙ୍ଗ ବାଜିଲା ଘଣ୍ଟି। ବସ୍ ଚାଲିଲା। ମୁଁ କହୁଥାଏ ବୁଢ଼ୀମା ଦେଖ। ଗଛ ସବୁ ଧାଉଁଛି। ବୁଢ଼ୀମା ମୋ ପାଟିରେ ହାତ ଦେଇ ଦେଉଥାଏ। ଓଃ କି ଆନନ୍ଦ। କେତେବେଳେ ବସ୍ ବାଲେଶ୍ୱରରେ ପହଞ୍ଚିବ। ବୁଢ଼ୀମା'କୁ ପଚାରି ପଚାରି ବ୍ୟସ୍ତ କରିପକାଉଥାଏ। ଶେଷରେ ବସ୍ ବାଲେଶ୍ୱରରେ ପହଞ୍ଚିଲା। ରାସ୍ତା ସାରା କଣ୍ଡକ୍ଟରର ଘଣ୍ଟି ଓ ଚାଲୁ ଚାଲୁ ପାଟି ଶୁଣୁଥାଏ । ବସ୍‌ରୁ ଓହ୍ଲାଇବା ପରେ ସେଦିନ ମନ ଟିକିଏ ଦୁଃଖ ହୋଇଗଲା। ବୁଢ଼ୀମା' ସହିତ ଆଗକୁ ଯାଉଥିଲି ସତ ହେଲେ ଘୂରି ଘୂରି ଖାଲି ପଛକୁ ବସ୍‌କୁ ଚାହୁଁଥାଏ। ବୁଢ଼ୀମା' କହୁଥାଏ ଆଗକୁ ଚାହିଁ ଚାଲ। ଝୁଣ୍ଟିବୁ। ସେ ଦିନ ନାହିଁ କିନ୍ତୁ ସ୍ମୃତି ଅଛି। ଏହି ଘଟଣା ୧୯୬୫ ମସିହାର। ମୋ ଗାଁ ସୋର୍ ବ୍ଲକର ଶିରାପୁର ଗାଁରେ। ଘରୁ ବସ୍‌ଷ୍ଟାଣ୍ଡ ୪ କି.ମି.। ସମୟ ବଦଳି ଯାଇଛି । ଏବେ ବସ ପରେ ବସ । ତମ୍ଭୁ ବନ୍ଧା ଝରକା ନାହିଁ । କଣ୍ଡକ୍ଟରର ହାତ ଘଣ୍ଟି ବାଜୁନି । କଣ୍ଡକ୍ଟର ସବୁ ଟିକଟ କାଟୁନି । ଟିକଟ କାଉଣ୍ଟରରୁ ମିଳୁଛି ଟିକଟ ଓ ରିଜରଭେଶନ୍। ମୁଁ ଏବେ ଦୀର୍ଘ ବର୍ଷ ହେବ ବସ୍ ଯାତ୍ରା କରିନି । ଏବେ ମୁଁ ବସ୍ ଅପେକ୍ଷା କାର୍ କିମ୍ବା ଟ୍ରେନ୍‌ରେ ଯିବାକୁ ବେଶି ପସନ୍ଦ କରୁଛି। ସମୟ ବଦଳିବା ସହ ରୁଚି ସିନା ବଦଳିଛି ହେଲେ ବଦଳିନି ସ୍ମୃତି।

## ମନ ଡାକେ ପୁଣି ଥରେ ସେଇ ବସ୍‌ରେ ବସିବାକୁ–*ରଞ୍ଜିତା ଜେନା*

ସେ ସମୟ ଅର୍ଥାତ୍ ପ୍ରାୟ ୧୯୪୨ରୁ ୧୯୪୩ ବେଳର କଥା। ମୋର ବୟସ ୬ରୁ ୭ ବର୍ଷ ହେବ। ମୋ ଅଜାଙ୍କର ଗାଁ ସେତେବେଳର କଟକ ଜିଲା ଅଧୁନା ଜଗତ୍‌ସିଂହପୁର ଜିଲାର ରାଣୀପଡା ଗାଁରେ। ମୋର ଜନ୍ମ ମୟୂରଭଞ୍ଜ ଜିଲାରେ, ସେତେବେଳର ରାଜଧାନୀ ବାରିପଦାରେ। ବାପା ଥିଲେ ଡାକ୍ତର, ମଫସଲକୁ ବଦଳି ହେବା ପରେ

→






ମୋତେ ମାମୁଘରେ ରହି ପଢିବାକୁ ହେଲା । ଯଦିଓ ସେଠାରେ ସ୍କୁଲ ଇତ୍ୟାଦି ସବୁ ଥିଲା, ମାତ୍ର ବାରମ୍ବାର ବଦଳି ହେଉଥିବାରୁ ମୋତେ ମାମୁଘରକୁ ପଠାଇ ଦିଆଗଲା ।

ରାଣୀପଡାରୁ କଟକ ଯିବାକୁ ହେଲେ ଜଗତ୍‌ସିଂହପୁର ବସ୍‌ରେ ଯିବାକୁ ହୁଏ । ସେତେବେଳେ ସକାଳ ଓଳି ୨ଟା ଓ ଉପର ଓଳି ୨ଟା ବସ୍ ଯାଏ । ଆମେ ବିରିଡି ଛକରୁ ବସୁ । ସେଠାରୁ ଘର ଅଧ ମାଇଲରୁ କିଛି କମ୍ ଆମକୁ ଚାଲିକରି ଆସିବାକୁ ହୁଏ । ବସ୍ ଛକକୁ ଆମେ ନାଲି ସଡକ କହୁ । ଘରୁ ଆସି ଛକ ପାଖରେ ଛିଡା ହେବାକୁ ହୁଏ । ମହିଳାମାନେ ସେଠାରେ ଥିବା ସଦାଗୁଡିଆର ଚା ଦୋକାନ ବାଡିପଟେ ଅପେକ୍ଷା କରନ୍ତି । ତା’ ସ୍ତ୍ରୀ ଭଦ୍ର ଲୋକଙ୍କ ପରିବାରର ଜାଣିଲେ ମଶିଣା ଖଣ୍ଡେ ପାରି ଦିଅନ୍ତି । ବେଳେବେଳେ ବସିଥିବାବେଳେ ବସ୍ ଆସେ । ସୌଭାଗ୍ୟବଶତଃ ସିଟ୍ ଥିଲେ ବସିବାକୁ ହୁଏ । ଏପରିକି ବେଳେବେଳେ ଦୁଇ ଓଳିରେ ଫେରିବାକୁ ହେଲେ ଅଜା କିମ୍ବା ମାମୁ ତା ପରଦିନ ଜଗତ୍‌ସିଂହପୁରଠାରୁ ଯେତିକି ସିଟ୍ ଦରକାର ଆଗୁଆ ପଇସା ଦେଇଦିଅନ୍ତି । ତା ପରଦିନ ଆଉ ଅସୁବିଧା ହୁଏ ନାହିଁ । ଏମିତି ଥିଲା ସେତେବେଳର ବସ୍ ଯାତ୍ରାର ବ୍ୟବସ୍ଥା । ବସ୍‌ରେ ଗଲାବେଳେ ମୋର ସାନମାମୁ (ସ୍ୱର୍ଗତ ବିଶ୍ୱନାଥ ପଶାୟତ)ବେଳେବେଳେ ସାଙ୍ଗରେ ଯାଆନ୍ତି । ସାନ ମାମୁଙ୍କ ସାଙ୍ଗରେ ଗଲେ ବାଟସାରା ସବୁ ଚିହ୍ନାଇ ଚିହ୍ନାଇ ଯାଆନ୍ତି । ଏଇଟା ଅମୁକଙ୍କ କଦଳୀ ବଗିଚା, ସେଇଟା ଗୋପାଳ ପ୍ରହରାଜଙ୍କ ଗାଁ ସିଦ୍ଧେଶ୍ୱରପୁର । ଯିଏ ଓଡ଼ିଆ ଭାଷାକୋଷର ପ୍ରଣେତା । ଏମିତି ଏମିତି ରାସ୍ତା ସରିଯାଏ । ଆସିଯାଏ କଟକ ନଗର ଧବଳ ଟଗର । ରାସ୍ତାସାରା ହାତଟଣା ରିକ୍ସାରେ ଗଲାବେଳେ ରାସ୍ତାକଡ ଗଛପତ୍ରରେ ନାଲି ଧୂଳି । ଏଇଥିଲା ସେବେଳର କଟକ ନଗର । ଆଉ ଆଜି ସେତେବେଳର ବସ୍ ଯାତ୍ରୀ ଏବେ ନିଜେ ନିଜର ଗାଡିରେ ଯାତାୟାତ କରୁଛନ୍ତି । ପିଚୁ ରାସ୍ତା ସାପ ପରି କଟକରୁ ଲମ୍ବିଛି । ବିଭିନ୍ନ ବସ୍ ସର୍ଭିସ୍ ପ୍ରତି ୧୦ ମିନିଟ୍ ବ୍ୟବଧାନରେ ଚାଲୁଛି । ଲୋକଗହଳି ବଢିଗଲାଣି । ମୋର ବୟସ ତ ଆଉ ଟ୍ରେନ୍ ବସ୍ ଚଢିବାର ସୁଯୋଗ ଦେଉନି । କିନ୍ତୁ ମନ ଡାକେ ଥରେ ବସ୍‌ରେ ଲୋକଙ୍କ ଗହଳିରେ ମିଶି ଯିବାକୁ ।

## ମୋଟର ଗାଡିରେ ବସିବା ଲାଗି ଯେତିକି ଉତ୍କଣ୍ଠା ଓ ସେତିକି ଡର ମଧ ଥିଲା । *-ଡା. ସୁବୋଧ କୁମାର ସାହୁ, ବରିଷ୍ଠ କୃଷି ବିଜ୍ଞାନୀ*

ପ୍ରାୟ ୮୦ ବର୍ଷ ତଳର କଥା । ଜୀବନର ପ୍ରଥମ ବସ୍ ଯାତ୍ରା କରିଥିଲି ମୋ ସ୍ୱର୍ଗତ ବଡ ଭାଇଙ୍କ ସହ । ସେତେବେଳକୁ ମୋର ବୟସ ଥିଲା ମାତ୍ର ୭ ବର୍ଷ । ବସ୍ ଧରିବାକୁ ଆମ ଘରଠାରୁ ୨ କି.ମି. ଯିବାକୁ ପଡୁଥିଲା । ରାସ୍ତା କଡରେ ଜଙ୍ଗଲ ଏବଂ ଶ୍ମଶାନ ପଡୁଥିବାରୁ ରାତିରେ ପ୍ରାୟ ଶୂନ୍‌ଶାନ୍ ରହୁଥିଲା । ଦିନରେ ମାତ୍ର ଗୋଟିଏ ବସ୍ ଚାନ୍ଦବାଲିରୁ ଭଦ୍ରକ ୫୦କି.ମି. ଯିବା ଆସିବା କରୁଥିଲା । ତେଣୁ ମିସ୍ ହୋଇଗଲେ ପର ଦିନକୁ ପୁଣି ଅପେକ୍ଷା କରିବାକୁ ପଡୁଥିଲା । ପିଚୁ ରାସ୍ତା ନ ଥିବାରୁ ଗୋଡି ରାସ୍ତାରେ ବସ୍ ଯିବା ସମୟରେ ଖୁବ୍ ଧକଡଚକଡ ମଧ ହେଉଥିଲା ଏବଂ ୫୦ କି.ମି. ଅତିକ୍ରମ କରିବାକୁ ୫-୬ ଘଣ୍ଟା ସମୟ ଲାଗିଯାଉଥିଲା । ବଡ ଗାଡିରେ ବସିବାକୁ ନେଇ ଉତ୍କଣ୍ଠା ଠାରୁ ମନରେ ଡର ଅଧିକ ଥିଲା । ସେତେବେଳେ ବର୍ତ୍ତମାନ ଭଳି ନା ଥିଲା ଡିଜେଲ୍ କିମ୍ବା ଅନ୍ୟ ଇନ୍ଧନରେ ଚାଲୁଥିବା ବଡ ବଡ ବସ୍ ନା ଥିଲା ବସ୍ ଭିତରେ ଆରାମଦାୟକ ଗଦି ସିଟ୍ । ମାତ୍ର ୨୦ରୁ ୨୫ ଜଣିଆ ସିଟ୍ ଥିବା କୋଇଲା ଚାଳିତ ଛୋଟ ବସ୍ ଥିଲା । କୋଇଲା ଜଳୁଥିବାରୁ ବସ୍ ଭିତରେ ବସିବା ସମୟରେ ବହୁତ ଗରମ ଲାଗୁଥିଲା । ଯଦିଓ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଯାନବାହନରେ ଅନେକ ପରିବର୍ତ୍ତନ ଆସିଛି ହେଲେ ସେଦିନର ସେ ପ୍ରଥମ ଯାତ୍ରାର ଅନୁଭୂତି ମୋ ପାଇଁ ଏବେବି ଅଭୁଲା ।

## ଛୋଟବେଳେ ବସ୍‌କୁ ଦେଖିବା ଓ ତା ପଛରେ ଦୌଡ଼ିବାର ଆନନ୍ଦ ଥିଲା ନିଆରା *-ପ୍ରଫୁଲ୍ଲ ଚନ୍ଦ୍ର ଧୀର (ବିଶିଷ୍ଟ ଫଟୋଗ୍ରାଫର)*

ଆମ ଘର ଅବିଭକ୍ତ କଟକ ଜିଲା ତଥା ଏବେର ଯାଜପୁର ଜିଲା ଗଡମଧୁପୁରରେ । ୧୯୩୯ରେ ମୋର ଜନ୍ମ, ପିଲାଦିନେ ଆମ ଗାଁରେ କୌଣସି ବସ୍ ଚାଲୁ ନ ଥିଲା । ଏମିତିକି ବସ୍ ଚାଲିବା ପରେ ରାସ୍ତା ବି ନ ଥିଲା । ମୋ ପିଇସା ପୁରୀରେ ଶିକ୍ଷକ ଥିବାରୁ ତାଙ୍କ ପାଖରେ ରହି ପଢ଼ିବା ପାଇଁ ମୁଁ ପୁରୀ ଆସିଥିଲି । ସେତେବେଳେ ମୁଁ ଦ୍ୱିତୀୟ କି ତୃତୀୟରେ ପଢୁଥାଏ । ପୁରୀରେ ପ୍ରଥମେ ବସ୍ ଦେଖିବାର ସୁଯୋଗ ପାଇଲି । ସେତେବେଳେ କୋଇଲାରେ ବସ୍ ଚାଲୁଥିଲା । କାଠ ଝରକା ସାଇଡ୍‌ରେ ଝରକା ନ ଖୋଲି ତଳୁ ଉପରୁ ଝରକାକୁ ଟେକି ରଖିବାକୁ ହେଉଥିଲା । ଆମେ ସେତେବେଳେ ଛୋଟଛୋଟ ପିଲାମାନେ ବସ୍ ଆସିଲେ ବେଳେ ବେଳେ ତା ପଛରେ ଦୌଡୁଥିଲୁ,ଦେଖୁଥିଲୁ । କିନ୍ତୁ ବସ୍‌ରେ ବସିବାର ସୁଯୋଗ ମିଳି ନଥିଲା । ପୁରୀରୁ ସାକ୍ଷୀଗୋପାଳ ଆଉ ପୁରୀରୁ ପିପିଲି ଚାଲୁଥିଲା । ଯିବା ଆସିବା ପାଇଁ ସମସ୍ତେ ଘୋଡାଗାଡି ଉପରେ ନିର୍ଭର କରୁଥିଲେ । ତେବେ ମୁଁ ପ୍ରଥମେ ବସ୍‌ରେ ବସିବାର ସୁଯୋଗ ପାଇଲି ୧୯୬୨ରେ । ସେତେବେଳେ ବୁର୍ଲାରେ ହୀରାକୁଦ ଡ୍ୟାମ୍ ପ୍ରୋଜେକ୍ଟରେ ମୁଁ ଚାକିରି ପାଇଥିଲି । ମୁଁ ପୁରୀ ତାଳଚେର ଟ୍ରେନରେ ମେରାମଣ୍ଡଳି ଯାଇ ସେଠାରୁ ବସ୍ ଧରେ । ମେରାମଣ୍ଡଳିରୁ ରାତି ଦଶଟାରେ ବାହାରିଲେ ସମ୍ବଲପୁରରେ ଯାଇ ପହଞ୍ଚେ ଭୋର ୫ଟାରେ । ପ୍ରଥମ ଥର ମୁଁ ଯେତେବେଳେ ବସ୍ ରେ ଚଢିଲି ବସ୍ ଭିତରେ ଖୁବ୍ ଠେଲାପେଲା ତାରି ଭିତରେ କିଛିବାଟ ଯିବାପରେ ସିଟ୍ ମିଳିଲା, କାଠ ପଟାର ସିଟ୍ । ବସ୍ ଯାଇ ରାତି ସାଢେ ଏଗାରଟା କି ବାରଟା ହେବ ଅନୁଗୋଳରେ ପହଞ୍ଚିଲା । ସେଠାରେ କିଏ କିଏ ଚା ’ପିଇଲେ । ରାତି ସାରା ମୁଁ ଶୋଇ ନ ଥାଏ । ପ୍ରାୟ କେହି ଶୋଇ ନ ଥାନ୍ତି । ଜାକିଜୁକି ହେଇ ବସିବାକୁ ପଡେ । ବସ୍ ଯାଇ ସମ୍ବଲପୁରରେ ପହଞ୍ଚିଲା ସକାଳୁ । କିନ୍ତୁ ପ୍ରଥମ ବସ୍‌ରେ ବସିବାର ଅନୁଭୂତି ଏବେ ବି ଭୁଲି ପାରିନି ।

## ସେତେବେଳେ ବସ୍‌ରେ ସିଟ୍‌ଟିଏ ପାଇଗଲେ କି ଖୁସି

*– କିଶୋର ଚନ୍ଦ୍ର ବିଶୋଇ (ଲୋକ ପ୍ରତିନିଧି)*

ଆମ ଅଞ୍ଚଳରେ ଯାତାୟତର ସୁବିଧା ଆଦୌ ନ ଥିଲା । ନନ୍ଦଳାଠାରୁ ୫ ନଂ ଜାତୀୟ ରାଜପଥ ପାଲୁରୁ ଜଙ୍କସନ୍ ପର୍ଯ୍ୟନ୍ତ ପ୍ରାୟ ୧୨ କିମି ଚାଲି କରି ଯିବାକୁ ପଡେ । କେହି କେହି ଶଗଡରେ ଯାଇଥାନ୍ତି । ଶଗଡ ଯିବାର ବାଲି ରାସ୍ତାକୁ ଶଗଡଗୋଦା କୁହାଯାଏ । ପାଲୁର ଜଙ୍କସନ୍‌ଠାରୁ ବସ୍ ଓ ହୁମ୍ମାରୁ ଟ୍ରେନରେ ଯାତାୟତ କରିଥାଉ । ୧୯୬୮ ମସିହାରୁ ଗଞ୍ଜାମ ଜଲ୍ଲା ବ୍ରହ୍ମପୁରରୁ ଏକ ସରକାରୀ ବସ୍ ସକାଳେ ଯାଏ ଓ ରାତିରେ ଫେରିଥାଏ । ସେତେବେଳେ ରାତ୍ରୀ ବିଶ୍ରାମାଗାର ନ ଥାଏ । ଆମେ ରାସ୍ତାରେ ବରଗଛମୂଳରେ ଅପେକ୍ଷା କରିଥାଉ । ବସ୍ ଆସିଲେ ଯାଉ । କୌଣସି କାରଣୁ ବସ୍ ନ ଆସିଲେ ଘରକୁ ଫେରିବାକୁ ବାଧ । ବେଳେବେଳେ ବ୍ରହ୍ମପୁରରୁ ଗାଁକୁ ଫେରିବାବେଳେ ରାତି ୧୦/୧୧ଟା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବସ୍ ଯାତ୍ରା ବାତିଲ ହୋଇଯାଏ । ସେଦିନର ଅସୁବିଧା ମନେପଡିଲେ ଭାବେ ଆଉ ସେଦିନ ନ ଆସୁ । କାରଣ ବ୍ରହ୍ମପୁରରୁ ଜିନିଷ କିଣିବା ପରେ କେବଳ ବସ୍ ଖର୍ଚ୍ଚ ପାଖରେ ଥାଏ । ଲଜ୍‌ରେ ରହିବାକୁ ଟଙ୍କା ନ ଥାଏ । ବାଧ ହୋଇ ଖୋଲା ଆକାଶ ତଳେ ରାତି କଟିଥାଏ । ସେତେବେଳେ ବସ୍ କି.ମି. ପିଛା ୩ ପଇସା । ଆଜି ସମୟ ବଦଳି ଯାଇଛି । ମାଳମାଳ ବସ୍ । ହେଲେ ସେତେବେଳେ ବସ୍‌ରେ ସିଟ୍‌ଟିଏ ପାଇ ବସିଗଲେ ଯେଉଁ ଆନନ୍ଦ ମିଳେ, ଆଜି ଆଉ ସେ ନାହିଁ । ତାହା ଭୁଲି ହେବ ନାହିଁ ।

## ବସ୍ ରେ ଯାତ୍ରା କରିବାରେ ନିଆରା ଆନନ୍ଦ

*–ଡାକ୍ତର ବାସୁଦେବ ପ୍ରଧାନ*

ପିଲାବେଳ କଥା । ବସ୍ ସଂଖ୍ୟା ବହୁତ କମ୍ ଥିଲା । ଆମ ଗାଁ ଛକରେ ସୂର୍ଯ୍ୟ ଉଦୟ ପୂର୍ବରୁ ଗୋଟିଏ ଓ ଆରଟି ସୂର୍ଯ୍ୟୋଦୟ ପରେ ଯାଏ । ସେ ଦୁଇଟିକୁ ଫାଷ୍ଟ ବସ୍, ସେକେଣ୍ଡ ବସ୍ କୁହାଯାଏ । ଏଇ ଦୁଇଟି ବସ୍ ବାଣପୁର ପଲଟଣା ପଡିଆରୁ ବାହାରେ । ସନ୍ଧ୍ୟା ପୂର୍ବରୁ ଗୋଟିଏ । ଆରଟି ସନ୍ଧ୍ୟା ପରେ । ଥରେ ବସ୍ ଫେଲ୍ ହୋଇଗଲେ ଆଉ ବସ୍ ମିଳୁ ନ ଥିଲା । ଆଉ ଗୋଟିଏ ଦିନକୁ ଅପେକ୍ଷା କରିବାକୁ ପଡୁଥିଲା । ଆଜିକାଲି ପରି ବସ୍ ସଂଖ୍ୟା କମ୍ ଥିଲା । ଆଉ ଗୋଟିଏ ଭଲ ଅନୁଭୂତି କହୁଛି । ଓଡଗାଁରୁ ଗୋଟିଏ ବସ୍ ବାଣପୁର ଯିବାଆସିବା କରେ । ସେ ବସ୍ ଚଳାଉଥିବା ଡ୍ରାଇଭର ସମସ୍ତଙ୍କ ଅଜା ନାଁରେ ପରିଚିତ ଥିଲେ । ବିନା ଷ୍ଟପେଜ୍‌ରେ ହାତ ଦେଖାଇଲେ ଅଟକାଉଥିଲେ । ପୁରୀରେ ପଢିଲାବେଳେ ମୁଁ ଟ୍ରେନରେ ଯିବା ଆସିବା କରୁଥିଲି ଏବଂ ୧୯୯୦ ମସିହାର କଥା ପଢିଲାବେଳେ ଦୀର୍ଘ ସମୟ ଧରି ରାତି ବସରେ ବସି ଭୁବନେଶ୍ୱରରୁ ବଲାଙ୍ଗୀର ଯାଇଥାଏ । ଦିନରାତିରେ ବସରେ ଯିବାରେ ଅଲଗା ଅଲଗା ଅନୁଭୂତି , ବସଯାତ୍ରାରେ ମିତ୍ରତା ବଢାଏ । ନୂଆ ନୂଆ ବନ୍ଧୁତା ସୃଷ୍ଟିକରେ । ତେଣୁ ବସ ମୋ ପାଇଁ ମିତ୍ର ଟିଏ ।

ସମୟ ସହିତ ବହୁମାତ୍ରାରେ ବଢ଼ିଛି ବସ୍ ସଂଖ୍ୟା । କୋଇଲା ଇଞ୍ଜିନ୍, କାଠସିଟ୍,କାଠ ଝରକା ବଦଳରେ ଏବେ ଚାଲିଛି ଏସି ବସ୍ । କିନ୍ତୁ ସେତେବେଳର ସେହି ବସ୍ ଚଢ଼ାର ପ୍ରଥମ ମଧୁର ଅନୁଭୂତି ବିରଳ ।

**–ବୀରଭଦ୍ର ବିଶ୍ୱାଳ, ରୋଜାଲିନ ମହାନ୍ତି**

ଫଟୋ:ଭାସ୍କର ରାଉତରାୟ, କୈଳାସ ପଟ୍ଟନାୟକ



# ଅମିଶ୍ ତ୍ରିପାଠୀ






ସାହିତ୍ୟକୁ ଯୁବବର୍ଗ ମଧ୍ୟରେ ଲୋକପ୍ରିୟ କରାଇବାରେ ଯେଉଁ କେତେଜଣ ଭାରତୀୟ ଲେଖକ ସବୁଠୁ ଅଧିକ ସଫଳ ହୋଇଛନ୍ତି ସେମାନଙ୍କ ମଧ୍ୟରେ ଅମିଶ୍ ତ୍ରିପାଠୀ ହେଉଛନ୍ତି ଅନ୍ୟତମ। ପ୍ରସିଦ୍ଧ ଫିଲ୍ମ ନିର୍ଦ୍ଦେଶକ ଶେଖର କପୁର ତାଙ୍କ ଉଦ୍ଦେଶ୍ୟରେ ଏକଥା କହିଥିଲେ ଯେ, ଅମିଶ୍ ହେଉଛନ୍ତି ଭାରତୀୟ ଯୁବ ସାହିତ୍ୟର ପ୍ରଥମ ସୁପରଷ୍ଟାର। ସେ ଜଣେ ସ୍ତମ୍ଭକାର ଏବଂ ଲେଖକ। 'ଶିବା ଟ୍ରାୟୋଲୋଜି' ଲେଖିବା ପରେ ଭାରତୀୟ ସାହିତ୍ୟରେ ନୂତନ ଜାଗରଣର ସୂତ୍ରପାତ ହୋଇଥିଲା। ଏହି ଟ୍ରାୟୋଲୋଜିରେ ଥିଲା ତିନୋଟି ପୁସ୍ତକ : ଇମୋର୍ଟାଲ୍ସ ଅଫ୍ ମେଲୁହା, ଦି ସିକ୍ରେଟ୍ ଅଫ୍ ନାଗାଜ୍ ଏବଂ ଦି ଓଥ ଅଫ୍ ବାୟୁପୁତ୍ରସ୍। ପୁସ୍ତକଗୁଡ଼ିକ ମୁଖ୍ୟତଃ ପୌରାଣିକ ଆଖ୍ୟାନ ଉପରେ ଆଧାରିତ। ତେବେ ତାହାକୁ ସମ୍ପୂର୍ଣ୍ଣ ପୁରାଣ ବୋଲି କୁହାଯାଇପାରିବ ନାହିଁ। କାରଣ ପୌରାଣିକ ଚରିତ୍ର ସବୁକୁ ଅମିଶ୍ ଆଧୁନିକତାର ଢାଞ୍ଚାରେ ତାଙ୍କର ପାଠକମାନଙ୍କ ନିକଟରେ ପରଷି ଦେଇଛନ୍ତି। ସେହିପରି ତାଙ୍କର ଆଉ ଏକ ସିରିଜ ହେଉଛି ରାମଚନ୍ଦ୍ର ସିରିଜ। ଏଥିରେ ରହିଛି ରାମ୍ : ସାୟନ୍ ଅଫ୍ ଇକ୍ଷାକୁ, ସୀତା : ୱାରିଅର ଅଫ୍ ମିଥିଲା ଏବଂ ରାବଣ : ଏନ୍‌ମି ଅଫ୍ ଆର୍ଯ୍ୟବ୍ରତ। ତଥ୍ୟ ଅନୁଯାୟୀ 'ଶିବା ଟ୍ରାୟୋଲୋଜି' ହେଉଛି ଭାରତୀୟ ପୁସ୍ତକ ପ୍ରକାଶନୀ ଇତିହାସରେ ସବୁଠ ଦ୍ରୁତବେଗରେ ବିକ୍ରି ହୋଇଥିବା ପୁସ୍ତକ। ୨୦୧୭ରେ ଅମିଶ୍ ତାଙ୍କର ପ୍ରଥମ ନନ୍ ଫିକ୍ସନ ପୁସ୍ତକ ପ୍ରକାଶ କରିଥିଲେ। ସେହି ପୁସ୍ତକର ନାମ ଥିଲା 'ଇମୋର୍ଟାଲ ଇଣ୍ଡିଆ'। ଅମିଶ୍‌ଙ୍କ ସମ୍ପର୍କରେ ଏକଥା କୁହାଯାଏ ଯେ, ଭକ୍ତି, ଦର୍ଶନ, ବୈଜ୍ଞାନିକ ଦୃଷ୍ଟିକୋଣ, ସାମାଜିକତା ଓ ଆଧୁନିକ ଦୃଷ୍ଟିଭଙ୍ଗୀର ସେ ହେଉଛନ୍ତି ଏକ ମିଳିତ ପ୍ରତିରୂପ। ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ସେ ହେଉଛନ୍ତି ଏକ ସେନ୍‌ସେସନ।

**ସେଲିବ୍ରିଟି ଲେଖକ :** ବହି ବିକ୍ରି ହୁଏନି। ବହି କିଣି କେହି ପଢ଼ନ୍ତିନି। ଏଭଳି ପ୍ରସଙ୍ଗ ଯେତେବେଳେ ଭାରତର ସାହିତ୍ୟ ସ୍ରଷ୍ଟାମାନଙ୍କୁ ବିଚଳିତ କରିଦେଇଥିଲା ସେତେବେଳେ ଅମିଶ୍ ହିଁ ସେମାନଙ୍କୁ ବତେଇଥିଲେ ସମାଧାନର ରାସ୍ତା। ଅମିଶ୍‌ଙ୍କର ୭ଗୋଟି ବହି ସମଗ୍ର ଭାରତରେ ପାଞ୍ଚ ମିଲିଅନରୁ ଅଧିକ ବିକ୍ରି ହୋଇଥିଲା। ଏବେ ମଧ୍ୟ ସେହି ଧାରା ଜାରି ରହିଛି। ଫୋର୍ବ୍ସ ଇଣ୍ଡିଆ ପକ୍ଷରୁ ପ୍ରତିବର୍ଷ ଭାରତର ଶହେ ସେଲିବ୍ରିଟିଙ୍କୁ ନେଇ ଏକ ତାଲିକା ପ୍ରସ୍ତୁତ କରାଯାଇଥାଏ। ଉଲ୍ଲେଖନୀୟ ବିଷୟ ହେଉଛି ଏହା ଯେ, ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ସେହି ତାଲିକାରେ ଗୋଟିଏ ନାମ କ୍ରମାଗତ ଭାବରେ ରହିଆସୁଥିଲା। ଆଉ ସେହି ନାମଟି ହେଉଛି ଅମିଶ୍‌ଙ୍କର। ଫୋର୍ବ୍ସ ଇଣ୍ଡିଆ ପକ୍ଷରୁ ତାଙ୍କୁ ଜଣେ ସେଲିବ୍ରିଟି ଲେଖକର ଆଖ୍ୟା ଦିଆଯାଇଥିଲା। ୨୦୧୯ରେ ଇଣ୍ଡିଆ ଟୁଡେ ମାଗାଜିନ୍ ୫୦ଜଣ ସବୁଠୁ ପ୍ରଭାବଶାଳୀ ଭାରତୀୟଙ୍କୁ ନେଇ ଯେଉଁ ତାଲିକା ପ୍ରସ୍ତୁତ କରିଥିଲା ସେଥିରେ ମଧ୍ୟ ରହିଥିଲେ ଅମିଶ୍। ବିବିସି ପକ୍ଷରୁ ଅମିଶ୍‌ଙ୍କ ରଚନାବଳୀକୁ ପ୍ରଶଂସନୀୟ ବୋଲି କୁହାଯାଇଥିଲା।

**ବ୍ୟକ୍ତିଗତ ଜୀବନ :** ୧୯୭୪ ମସିହା ଅକ୍ଟୋବର ୧୮ ତାରିଖରେ ମୁମ୍ବାଇରେ ଜନ୍ମ ହୋଇଥିଲେ ଅମିଶ୍। ମୁମ୍ବାଇରେ ସିନା ଜନ୍ମ ହୋଇଥିଲେ, ହେଲେ ସେ ବଢ଼ିଥିଲେ ଓଡ଼ିଶାରେ। ଓଡ଼ିଶାର ରାଉରକେଲାରେ ତାଙ୍କର ଶୈଶବ ଏବଂ କୈଶୋର ଅତିବାହିତ ହୋଇଥିଲା। ସେଥିଲାଗି ଓଡ଼ିଶା ସହିତ ତାଙ୍କର ସମ୍ପର୍କ ଅତି ନିବିଡ଼ ଓ ଘନିଷ୍ଠ। ତାଙ୍କର ଅନେକ ରଚନାରେ ଯେଉଁ ପ୍ରାକୃତିକ ଦୃଶ୍ୟରାଜିର ବର୍ଣ୍ଣନା ଦେଖାଯାଏ ତାହା ସେ ଓଡ଼ିଶାରୁ ପ୍ରଭାବିତ ହୋଇଥିବା ମଧ୍ୟ ଅନେକ ସ୍ଥାନରେ ପ୍ରକାଶ କରିଛନ୍ତି। ଓଡ଼ିଶା ମାଟିର ବାସ୍ନା ତଥା ଏଠାକାର ପାଣିପାଗ ତାଙ୍କର ଅତି ପ୍ରିୟ ବୋଲି ସେ ଏକ ସାକ୍ଷାତ୍‌କାରରେ ପ୍ରକାଶ କରିଥିଲେ। ଅମିଶ୍ କୋଲକାତାର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟରେ ମ୍ୟାନେଜମେଣ୍ଟ କୋର୍ସ କରିଥିଲେ। ବିଭିନ୍ନ ବ୍ୟାଙ୍କ ତଥା ଆର୍ଥିକ ଉଦ୍ୟୋଗରେ ସେ ୧୪ ବର୍ଷ ଧରି କାର୍ଯ୍ୟ କରିଥିଲେ। ତେବେ ତାଙ୍କ ଭିତରେ ଥିବା ଏକ ସର୍ଜନଶୀଳ ସ୍ରଷ୍ଟା ତାଙ୍କୁ ସବୁବେଳେ ଅତିଷ୍ଠ କରୁଥିଲା। ସେ ଥରକୁ ଥର ଗୋଟିଏ ପରେ ଗୋଟିଏ କମ୍ପାନୀ ବଦଳାଉଥିଲେ ମଧ୍ୟ ଶାନ୍ତି ପାଇପାରୁ ନ ଥିଲେ। ଶେଷକୁ ନିଷ୍ପତ୍ତି ନେଲେ ସେ ଚାକିରି ଛାଡ଼ିଦେବେ। ଆଉ ଜଣେ ଲେଖକ ଭାବରେ ଏକ ନୂତନ ପରିଚୟ ଆରମ୍ଭ କରିବେ।




**ପାରିବାରିକ ପ୍ରଭାବ :** ପ୍ରଥମରୁ କୁହାଯାଇଛି ଯେ, ମୁଖ୍ୟତଃ ପୌରାଣିକ ଚରିତ୍ରକୁ ଆଧାରକରି ରଚିତ ହୋଇଛି ଅମିଶ୍ ତ୍ରିପାଠୀଙ୍କ ପୁସ୍ତକ। ତେବେ ଅନେକଙ୍କ ମନରେ ପ୍ରଶ୍ନ ଉଠେ ଯେ, ଜଣେ ବିଜ୍‌ନେସ୍ ମ୍ୟାନେଜମେଣ୍ଟର ଛାତ୍ର ଆଧୁନିକ ଚରିତ୍ର ସବୁକୁ ଛାଡ଼ି ପୌରାଣିକ ଚରିତ୍ରମାନଙ୍କୁ ନେଲେ କ'ଣ ପାଇଁ? ଏହାର ମୂଳରେ ରହିଛି ତାଙ୍କର ପାରିବାରିକ ସଂସ୍କୃତି ଓ ପରମ୍ପରା। ଅମିଶ୍‌ଙ୍କ ବାପା ମାଆ ଧାର୍ମିକ ଶ୍ରେଣୀର ବ୍ୟକ୍ତି ଥିଲେ। ଘରେ ଏକ ପୁରାଣ ପାଠର ମାହୋଲ ରହିଥିଲା। ସେତିକି ନୁହେଁ, ଅମିଶ୍‌ଙ୍କ ଜେଜେବାପା ଥିଲେ ଜଣେ ସଂସ୍କୃତ ପଣ୍ଡିତ। ଏଥିସହ ସେ ଥିଲେ ଜଣେ ବନାରସୀ ପଣ୍ଡିତ। ଅମିଶ୍ ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ତାଙ୍କ ଉପରେ ତାଙ୍କ ଜେଜେବାପାଙ୍କ ପ୍ରଭାବ ପିଲାଟି ବେଳୁ ପଡ଼ିଥିଲା। ଏଥିସହ ସେ ନିଜେ ମଧ୍ୟ ଜଣେ ଶିବ ଉପାସକ। ପିଲାଟି ବେଳରୁ ଏଭଳି ସାଂସ୍କୃତିକ ପରମ୍ପରା ମଧ୍ୟରେ ବଢ଼ିଥିବା ଅମିଶ୍‌ଙ୍କ ଭିତରେ ସୃଷ୍ଟି ହୋଇଥିଲା ଧର୍ମ ଏବଂ ଦର୍ଶନକୁ ନେଇ କୌତୂହଳ ଭାବ। ଆଉ ତାହା ହିଁ ଶେଷରେ ତାଙ୍କୁ ଜଣେ ସଫଳ ଲେଖକର ପରିଚୟ ଆଣିଦେଲା।










## ଶୂନ୍ୟ ଜୀବନ

–ଲିପିନ ରାଉତ

ଦିନେ ଆସିଲା କଳା ହାଣ୍ଡିଆ ମେଘ
ଏ ଜୀବନ ରେ
ଅଦିନିଆ ମେଘର ନାଁ ନେଇ

ଭିଜେଇ ଦେଲା ମାଟି କୁ
ଓଦା କଲା ମୋ ଆଖିକୁ,

ଋତୁ ସବୁ
ଫେରିବାକୁ ବାହାରିଛନ୍ତି
ମୋ ଦେହରୁ, ସବୁ ରଙ୍ଗ ନେଇ
ମତେ ରଂଗ ହୀନ କରିବାରେ ଲାଗିଛନ୍ତି ,
ମୃତ୍ୟୁର କାରିଗରମାନେ

ଥର ଥର କରି
ସବୁ କିଛି ନେଇ ସାରିଲା ପରେ

ପୁଣି ଜଣେ,
ମୋ ଦୁଆରେ ଦଣ୍ଡାୟମାନ
ମୋ ଶୁଭାକାଂକ୍ଷୀର ପରିଚୟ ନେଇ

ମୁଁ ତ ଏବେ ଶୂନ୍ୟ,
ଜଣେ ଆୟୁଷ ହୀନ ମନୁଷ୍ୟ
କୁହ, କଣ ନେବ ଆଉ

କିଛି ନାହିଁ ମୋ ପାଖରେ
ଖାଲି ଯାହା,
ଏ ମୃତ ଶରୀରଟା ଛଡ଼ା

ନେବ ଯଦି ନେଇଯାଅ ଜଲଦି
କିଛି କ୍ଷଣ ପରେ
ସେ ବି ଆଉ ନ ଥିବ
ହେଇଯିବ ଆଉ କାହା ଆହାର
ନଚେତ୍,
ମିଶି ଯିବ ସମ୍ପୂର୍ଣ୍ଣ ଏ ମାଟିରେ
ସବୁ ଦିନ ପାଇଁ....ସବୁ ଦିନ ପାଇଁ ।

–ମଦନପୁର, କେଉଁଝର

# କାଗଜଡଙ୍ଗା ଓ କାଗଜଫୁଲର ସ୍ୱପ୍ନ

–ଲକ୍ଷ୍ମଣ କୁମାର

ସେ ଯେ କେତେ ଦୂରରେ ଥାଏ...
ଯେମିତି କି କେଉଁ ମେଘ ରାଜ୍ୟରେ... ସେଠି ହାଲୁକା ରଙ୍ଗିନ ମେଘଖଣ୍ଡ ସବୁ ଭାସି ବୁଲୁଥାନ୍ତି... ଆଉ ସୁଖ ସବୁ ସେଠି ଦୋଳି ଖେଳୁଥାନ୍ତି ଆକାଶର ଝୁଲଣରେ... ମୁଁ ମୋର ସ୍ୱପ୍ନମାନଙ୍କୁ ପାରାବତ କରି ଉଡ଼ାଉଥାଏ ............... ତାରି ପାଖକୁ... ଆଉ ମୋର ସ୍ୱପ୍ନର ପାରାବତମାନଙ୍କୁ ସେ ହସି ହସି କୋଳେଇ ନେଉଥାଏ ତା'ର ପଦ୍ମଛାତିରେ... ।

: ହେ... ଆହୁରି ସ୍ୱପ୍ନ ପଠାଅ.... ଆହୁରି... । ସେ କହେ ।

: କେତେ ଆଉ ପଠେଇବି ଫୁଲର ପରୀ । ତୁମ ପାଖକୁ ସ୍ୱପ୍ନ ସବୁ ପଠାଉ ପଠାଉ ମୁଁ ଯଦି କେବେ ସ୍ୱପ୍ନ ଶୂନ୍ୟ ହୋଇଯିବି... ତେବେ ମୋତେ କିଛି ସ୍ୱପ୍ନ ଉଧାର ଦେବ ତ... ?

ସେ ବହୁତ ଜୋରରେ ହସେ ମୋର ଏଇ ନିରୀହ ପ୍ରଶ୍ନରେ ଆଉ କହେ– ଜମା ବ୍ୟସ୍ତ ହୁଅନି... ତୁମେ ପଠେଇଥିବା ସବୁଯାକ ସ୍ୱପ୍ନକୁ ସାଙ୍ଗରେ ନେଇ ମୁଁ ତୁମରି ପାଖକୁ ଯିବି...

: ସତରେ ତମେ ଆସିବ...

: ହଁ ବାବା.... ପୂରା ସତ... । ସେ କହେ । ଆଉ ମୁଁ ଭାବେ, ମୋର ସ୍ୱପ୍ନଶୂନ୍ୟ ହେଇଯିବାରେ ଆପତ୍ତି ନାଇଁ । ଯାହା ପାଖକୁ ସ୍ୱପ୍ନ ସବୁ ପଠେଇବି, ସେ ତ ସବୁ ସ୍ୱପ୍ନକୁ ଧରି ଲେଉଟିଆସିବ ମୋ' ପାଖକୁ ।

ଗତକାଲିଠୁ ମେଘ ଛାଇଛି ଆକାଶ ତମାମ । ଆଉ ସାରା ରାତି ବର୍ଷା । ପାୱାରକଟ୍ । ବର୍ଷାର ରିମ୍‌ଝିମ୍ ଗୀତ ଶୁଣିଶୁଣି ମୁଁ ଶୋଇଚି ରାତିସାରା । କେତେବେଳେ ନିଦ ଟିକେ ଲାଗିଯାଇଚି । ଆଉ ସ୍ୱପ୍ନରେ ଗୋଛାଏ କାଗଜଫୁଲ ଆଣି ସେ ଅଜାଡ଼ି ଦେଉଚି ମୋ ଛାତି ଉପରକୁ । ଆଉ ସେ ନିଜକୁ ବି ଆଉଜାଇ ଦେଉଚି ମୋ ଉପରେ ଗୋଛାଏ କାଗଜଫୁଲ ହୋଇ ।

ନିଦ ଭାଙ୍ଗିଯାଉଚି । ଆଉ ବାହାରେ ରିମ୍‌ଝିମ୍ ବର୍ଷା । ଲାଗୁଚି– ସେ ହିଁ ବର୍ଷା ହୋଇ ଝରୁଚି ଯେମିତି ।

ଏବେ କ'ଣ କରୁଥିବ ସେ । ମୋ' ପରିକା ସେ ବି ଚାହିଁରହିଥିବ ବର୍ଷା ରାତିରେ । ମୋବାଇଲ୍ ସ୍କ୍ରିନ୍ ଅନ୍ କଲି । ଭାବିଲି– ମେସେଜଟିଏ ଦେବି । କିନ୍ତୁ ନେଟୱର୍କ ନ ଥିଲା ।

ଆଉ ସକାଳୁ ସକାଳୁ ନେଟୱର୍କ ଆସିଲା ତ ସେ ଅନଲାଇନ ଥିଲା ।

ଗୋଟେ କାଗଜଡଙ୍ଗାର ଚିତ୍ର ପଠେଇଲି ତା' ପାଇଁ । ସେ ଚିତ୍ରରେ ଥିଲା–ଗୋଟେ ନୀଳ ସମୁଦ୍ର–ସମୁଦ୍ରରେ ଚିକ୍‌ମିକ୍ ଢେଉ–ମୋତି ମାଣିକ୍ୟ, ହୀରାନୀଳା ଯେମିତି ଭାସୁଛନ୍ତି ସେଥିରେ ଆଉ କାଗଜଡଙ୍ଗାଟି ବି ଭାସି ଭାସି ଯାଉଚି... ସେ ଚିତ୍ର ସହ ଲେଖିଲି– ବହୁତ ସାରା ସ୍ୱପ୍ନ ପଠେଇଲି ତୁମ ପାଇଁ... । ପ୍ରତ୍ୟୁତ୍ତରରେ ଆସିଲା କିଛି ଗୋଲାପି ରଙ୍ଗର ହସ ।

: ବର୍ଷା ହେଉଚି ନା... ?

: ହଁ.... କାଲି ରାତିଠୁ... ସେ କହିଲା ।

: ଆଚ୍ଛା, ପ୍ରି–ମନସୁନ ରେନ୍‌ରେ ଆଗରୁ କେବେ ଓଦା ହେଇଛ ? ମୁଁ ପଚାରିଲି ।

: ହଁ... ବହୁତ ଥର... । ସେ କହିଲା ।

: ଆଉ ଏଇଥର... ?

:ଘରେ ଅଛି ନା... ମମି ପାଟି କରିବେ ।

: ନ ହେଲେ କ'ଣ ଏବେ ଭିଜିଥାନ୍ତ ?

: ହଁ... ସିଓର....

: କ'ଣ ଛାତ ଉପରକୁ ଯାଇ... ?

: ହଁ. ଏବେ ଆସିଲି... ।

: ଏଇ... ଶୁଣ... ସେ କହିଲା ପୁଣି...

: କ'ଣ କୁହ....

: ତୁମେ ଗୋଟେ ହାଲୁକା କାଗଜ ଡଙ୍ଗାରେ ଏତେ ବେଶି ଓଜନିଆ ସ୍ୱପ୍ନ ପଠେଇଚ ଯେ... ଅଧାବାଟରେ ଯଦି କାଗଜଡଙ୍ଗାଟି ବୁଡ଼ିଯାଏ...

ଚାଉଁକଲା ମୋର ଛାତି... । ସତକଥା... ଜୀବନର ସବୁଠୁ ଗାଢ଼, ସବୁଜ ଆଉ ସବୁଠୁ ବେଶି ଓଜନିଆ ସ୍ୱପ୍ନକୁ ହିଁ ମୁଁ କାଗଜଡଙ୍ଗାରେ ଲଦିଦେଇଚି । ଆଉ ଭାବିନି... ସେ ଓଜନ ସମ୍ଭାଳି ପାରିବ କି ନା ଗୋଟେ ମାମୁଲି କାଗଜଡଙ୍ଗା... ଭାବିନି ମାନେ ଆଶଂକା କରିନି... ।

ବରଂ ଏଇଆ ଭାବିଚି– ଗୋଟେ କାଗଜଡଙ୍ଗା ଛଡ଼ା ଆଉ କୌଣସି ବି ଜାହାଜ ସେ ଓଜନିଆ ସ୍ୱପ୍ନକୁ ବୋହି ଯାଇପାରିବନି !

–ଦିଗ୍‌ବଳୟ
ଲେଣ୍ଡା, ବରପାଲି, ବରଗଡ଼





## ସୃଷ୍ଟି– ସ୍ରଷ୍ଟା

–ରଞ୍ଜନ କୁମାର ରାୟ

କଳା ଧୂମ୍ରାଭ ଆକାଶ
ବାଦଲ ପଛ ପଟେ ଲୁଚକାଳି ଖେଳ
ବିଜୁଳିର
ଥଣ୍ଡା ପବନର ଶିହରଣ
ପ୍ରଚଣ୍ଡ ଘଡ଼ଘଡ଼ିର ଶବ୍ଦ
ସତେ ଯେମିତ
ଯନ୍ତ୍ରଣା ଜର୍ଜରିତ ପୃଥିବୀ ଆଉ ଆକାଶର
ଆର୍ତ୍ତନାଦ ।

ସମୁଦ୍ର ମନ୍ଥନର ଆଲୋଡ଼ା ନିର୍ଗତ ବିଷ
ପାନ ଆଉ ନୀଳକଣ୍ଠଙ୍କ ତାଣ୍ଡବ ନୃତ୍ୟର
ଅୟମାରମ୍ଭ ପରି ମନେ ହୁଏ,
ପ୍ରଚଣ୍ଡ ଶବ୍ଦ ଓ ଭୟଙ୍କର ଦୃଶ୍ୟରେ
ଥାଏ କିଛି ଅଜଣା ଆନନ୍ଦ
ଐଶ୍ୱରୀୟ ସତ୍ତାର ସମ୍ମୋହନ
ସତ୍ୟ ଶିବ ସୁନ୍ଦର
ସ୍ରଷ୍ଟାଙ୍କ ପରିଚୟର
ସୃଷ୍ଟି ପାଳନ ପୁଣି ସଂହାର
ନିବିଡ ସମ୍ପର୍କ ସୃଷ୍ଟି ଆଉ ସ୍ରଷ୍ଟାଙ୍କର
ଅସମାହିତ କେତେ ପ୍ରଶ୍ନ
କେତେ ପ୍ରହେଳିକା
ତେବେ ଏହା ହିଁ ବୋଧେ
ଈଶ୍ୱରଙ୍କ ଦୁନିଆରେ ମନୁଷ୍ୟର
ପ୍ରଥମ ସୋପାନ ଆରୋହଣ
ଆଉ ପଦାର୍ପଣ ।

–ଲାଲବାଗ, ଯାଜପୁର ଟାଉନ



# କେତେବେଳେ ବଡ କେତେବେଳେ ସାନ

ବଲିଉଡ୍‌ରେ ଶଶୀ କପୁର କେତେ ଲୋକପ୍ରିୟ ଥିଲେ ତାହା କହିବା ବାହୁଲ୍ୟ। ସେ ଅଭିନୟ କରିଥିବା ଅଧିକାଂଶ ସିନେମା ଦର୍ଶକଙ୍କୁ ସବୁ ଦୃଷ୍ଟିକୋଣରୁ ପ୍ରଭାବିତ କରିଥିଲା। ଏକଦା ତାଙ୍କୁ ଅମିତାଭଙ୍କ ସହ କେତୋଟି ସିନେମାରେ ଏକତ୍ର ଅଭିନୟ କରିବାର ଦେଖିବାକୁ ମିଳିଥିଲା। ୧୯୮୧ରେ ନିର୍ମିତ ହୋଇଥିଲା 'ସିଲସିଲା'। ଏଥିରେ ସେ ଅମିତାଭଙ୍କ ବଡ ଭାଇ ଭୂମିକାରେ ଅଭିନୟ କରିଥିଲେ। ତା'ପରେ କ'ଣ ଘଟିଥିଲା ଜାଣନ୍ତି ? ପରବର୍ତ୍ତୀ ସମୟରେ ଦୁହେଁ 'ଦିୱାର', 'ସୁହାଗ', 'ଦୋ ଔର ଦୋ ପାଞ୍ଚ' ଏବଂ 'ନମକ ହଲାଲ୍'ରେ ଏକାଠି ପରଦା ଉପରକୁ ଆସିଥିଲେ। ହେଲେ ଏଥର ଅମିତାଭ ବଡ ଭାଇ ଏବଂ ଶଶୀ ସାନ ଭାଇ ଭୂମିକାରେ ଅଭିନୟ କରିଥିଲେ।



ଅମିତାଭ-ଶଶୀ

# ଏପ୍ରିଲକୁ ଅପେକ୍ଷା

ଅଭିନେତା ରାଣା ଦାଗୁବତି ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କାରଣ ତାଙ୍କ ଅଭିନୀତ 'ହାଥୀ ମେରେ ସାଥୀ' ରିଲିଜ ଡେଟ୍ ଇତିମଧ୍ୟରେ ଫାଇନାଲ ହୋଇଛି। ଫିଲ୍ମଟି ଚଳିତବର୍ଷ ଏପ୍ରିଲ ୨ ରେ ରିଲିଜ ହେବ। ଏଥିରେ ରାଣା ଜଣେ ମାହୁନ୍ତ ଭୂମିକାରେ ଅଭିନୟ କରିଛନ୍ତି। ହାତୀ ଏବଂ ତାହାର ମାହୁନ୍ତକୁ ନେଇ ରଚିତ ଏକ ଭାବପ୍ରବଣ କାହାଣୀ ଉପରେ ଏହି ଫିଲ୍ମ ପର୍ଯ୍ୟବସିତ। ଫିଲ୍ମଟି ତାମିଲ, ତେଲୁଗୁ ଏବଂ ହିନ୍ଦୀ ଭାଷାରେ ନିର୍ମିତ ହୋଇଛି। ହିନ୍ଦୀରେ ଏହାର ଟାଇଟଲ 'ହାଥୀ ମେରେ ସାଥୀ' ରହିଥିବା ବେଳେ ତାମିଲରେ 'କାଦାନ୍' ଏବଂ ତେଲୁଗୁରେ 'ଅରଣ୍ୟ' ରହିଛି। ଖାସ୍ କଥା ହେଲା ତିନୋଟି ଫିଲ୍ମର ମୁଖ୍ୟ ଭୂମିକାରେ ହିଁ ରାଣା ଅଭିନୟ କରିଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଫିମେଲ୍ ଲିଡ୍‌ରେ ଶ୍ରିୟା ପଲଗାଓଁକର ଏବଂ ଜୋୟା ହୁସେନ୍ ଅଭିନୟ କରିଛନ୍ତି। ତେବେ ଫିଲ୍ମଟି ରାଣାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।



ରାଣା

# କଥା ୧୨୦ କୋଟିର

ଏବେ ବଲିଉଡ୍‌ରେ ୧୨୦ କୋଟିକୁ ନେଇ ଆଲୋଚନା ଚାଲିଛି। ହେଲେ କ'ଣ ପାଇଁ ଜାଣନ୍ତି ? ଶୁଣିବାକୁ ମିଳୁଛି ଯେ ଅକ୍ଷୟ କୁମାର ଏକ ଛୋଟ ଭୂମିକା ପାଇଁ ଏପରି ପାରିଶ୍ରମିକ ନେଉଛନ୍ତି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ବର୍ତ୍ତମାନ ହିନ୍ଦୀ ସିନେମାରେ ଅକ୍ଷୟଙ୍କ ଡିମାଣ୍ଡ କେତେ ତାହା କହିବା ବାହୁଲ୍ୟ। ତାଙ୍କ ପ୍ରାୟ ପ୍ରତିଟି ସିନେମା ଭଲ ବିଜନେସ କରିବା ସହ ଅତିକମ୍‌ରେ ୧୦୦କୋଟି କ୍ଲବ୍‌ରେ ସାମିଲ ହେଉଛି। କଥା କ'ଣ କି ନିର୍ଦ୍ଦେଶକ ଆନନ୍ଦ ଏଲ. ରାଇ ତାଙ୍କର ଆଗାମୀ ଫିଲ୍ମ 'ଅତରଙ୍ଗୀ ରେ'ର ମେଲ୍ ଲିଡ୍ ପାଇଁ ଧନୁଷଙ୍କୁ ଏବଂ ନାୟିକା ଭାବରେ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରାଇଛନ୍ତି। ହେଲେ ଏଥିରେ ଏକ ଛୋଟ ତଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଅକ୍ଷୟ କୁମାରଙ୍କୁ ଅଫର ଦିଆଯାଇଥିଲା ଏବଂ ସେ ଏ ନେଇ ନିଜର ସମ୍ମତି ଜଣାଇ ସାରିଛନ୍ତି।

# ପୂଜାର୍ଚ୍ଚନାରେ ବ୍ୟସ୍ତ

ଜାହ୍ନବୀ ଏବେ କ'ଣ କରୁଛନ୍ତି ? ସେ ନିଶ୍ଚୟ କୌଣସି ସିନେମାର ଶୁଟିଂରେ ବ୍ୟସ୍ତ ଥିବେ। ହେଲେ ଅସଲ କଥା ସେଇଆ ନୁହେଁ। ଏବେ ସେ ଗୋଟିଏ କାମରେ ନିଜକୁ ନିୟୋଜିତ ରଖିଛନ୍ତି। ଅର୍ଥାତ୍, ସେ ବର୍ତ୍ତମାନ ବିଭିନ୍ନ ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରୁଛନ୍ତି। କଥା କ'ଣ କି ନିକଟରେ ଜାହ୍ନବୀ ଅଭିନୟ କରୁଥିବା ଦୁଇଟି ସିନେମା-'ଗୁଞ୍ଜନ ସାକସେନା' ଏବଂ 'ରୁହି ଅଫଜାନା'ର ଶୁଟିଂ ଚାଲିଛି। ଏଥିରୁ ତାଙ୍କୁ କିଛି ଦିନ ବ୍ରେକ୍ ମିଳିବା ପରେ ସେ କେତେକ ମନ୍ଦିର ଯାଇ ସେଠାରେ ପୂଜା କରିବାକୁ ସ୍ଥିର କରିଥିଲେ। କେବଳ ସେତିକି ନୁହେଁ ଏପରି କେତୋଟି ଫଟୋ ସେ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି।



ଜାହ୍ନବୀ



ଉପାସନା

# ଆଉ ଜଣେ ନବାଗତା

ତୁମ୍‌କି ସେ ତ ପାଣିରେ ବୁଡ଼ିବ ନାହିଁ କି-ଅତୀତର ଏହି ଲୋକପ୍ରିୟ ଗୀତ। ଓଡ଼ିଆ ସିନେମା 'ମା ଓ ମମତା' ଚଳଚ୍ଚିତ୍ରରେ ଦୃଶ୍ୟାୟିତ ହୋଇଥିଲା ଏହି ଗୀତ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଉକ୍ତ ଚିତ୍ରର ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ ଏବଂ ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ। ଏବେ ଏପରି ଧାଡିକୁ ନେଇ ନିର୍ମିତ ହୋଇଛି ଏକ ନୂଆ ଓଡ଼ିଆ ସିନେମା ଯାହାର ଟାଇଟଲ ରହିଛି 'ତୁମକି ସେ ତ ପାଣିରେ ବୁଡିବ ନାହିଁ କି'। ଏହି ଫିଲ୍ମରୁ ବଡ଼ ପରଦାରେ ନାୟିକା ଭାବରେ ଡେବ୍ୟୁ କରୁଛନ୍ତି ଉପାସନା। ବଡ଼ ପରଦାରେ ବ୍ରେକ୍ ପାଇବା ପୂର୍ବରୁ ଉପାସନା କେତୋଟି ଧାରାବାହିକ 'ଦେବୀ, ଚାନ୍ଦ ନା ତମେ ତାରା, ମାନିନୀ'ରେ ଅଭିନୟ କରିଥିଲେ। ଭଦ୍ର ମୋଶନ ଷ୍ଟୁଡିଓ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଆନିଶ ଭଦ୍ର । ଖାସ୍ କଥା ହେଲା, ଏହି ଫିଲ୍ମରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି ଆଗଧାଡିର କୋରିଓଗ୍ରାଫର ଗିରିଶ ମହାନ୍ତି। ଏହାପୂର୍ବରୁ ସେ 'ଇସ୍କ ତୁ ହି ତୁ, ତୁ ମୋ ଲଭ୍ ଷ୍ଟୋରି, ହିରୋ ନଂ ୱାନ୍, ଓନ୍‌ଲି ପ୍ୟାର୍, ପ୍ରେମ କୁମାର ଏବଂ ତୁ ମୋ ଲଭ୍ ଷ୍ଟୋରି-୨' ପରି ସିନେମାର ସୋଲୋ କୋରିଓଗ୍ରାଫି କରି ଚର୍ଚ୍ଚିତ ହୋଇଛନ୍ତି। କାହାଣୀ ଅନୁସାରେ ସାଗର ଜଣେ କଣ୍ଠଶିଳ୍ପୀ। ଏକ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ଶେଷକରି ଫେରୁଥିବା ବେଳେ ଜଣେ ଅଜଣା ଯୁବତୀ ସହ ଭେଟହୁଏ। ତା'ପରେ ସେହି ଫେରିବା ବାଟରେ ଘଟେ ଅନେକ ଘଟଣା। ତେବେ ପ୍ରେମର ଡୋରିରେ ବାନ୍ଧି ହୋଇଥିବା ସାଗର ଏବଂ ଏହି ଯୁବତୀ ଏଥିରେ ସଫଳ ହୁଅନ୍ତି କି ନାହିଁ ତାହା ସିନେମାରେ ଦେଖିବାକୁ ମିଳିବ। ଏହି ସିନେମାର ବିଭିନ୍ନ ଭୂମିକାରେ ଉପାସନାଙ୍କ ବ୍ୟତୀତ ଶ୍ରେୟାନ, କୌଶିକ ମହାପାତ୍ର, ଜ୍ୟୋତି ମିଶ୍ର, ଚୌଧୁରୀ ବିକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଜ୍ଞା, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ହାଡୁ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।



ଅନନ୍ୟା

# ମାପି ଚୁପି ଚାଲିବେ ଅନନ୍ୟା

ଅନନ୍ୟା ପାଣ୍ଡେ ଏଣିକି ମାପି ଚୁପି ବାଟ ଚାଲିବେ। ଯେହେତୁ ଏବେ ସେ ବଲିଉଡ୍‌ରେ ପାଦ ଦେଇଛନ୍ତି ତେଣୁ ଦେଖିଚାହିଁ କ୍ୟାରିୟରକୁ ଆଗେଇବାକୁ ପଡିବ। ତେଣୁ ଏ ନେଇ ସେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ବିଗତ ଦିନର ଅଭିନେତା ଚଙ୍କି ପାଣ୍ଡେଙ୍କ ଝିଅ ତଥା ବିଶିଷ୍ଟ ପ୍ରଯୋଜକ ପହଲାଜ ନିହାଲନିଙ୍କ ନାତୁଣୀଙ୍କୁ କରନ୍ ଜୋହର ପ୍ରଥମେ ବ୍ରେକ୍ ଦେଇଥିଲେ। ସିନେମାଟି ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'। କିନ୍ତୁ ଏହାର ନାୟିକା ଚୟନ ବେଳେ ପ୍ରଯୋଜକ ତାଙ୍କୁ ସିଧାସଳଖ ସିଲେକସନ କରି ନ ଥିଲେ। ତାଙ୍କ ପୂର୍ବରୁ ଏଥିପାଇଁ ଦିଶା ପଟାନି, ସାରା ଅଲ୍ଲୀ ଖାଁ ଏବଂ ଜାହ୍ନବୀ କପୁରଙ୍କ ନାମ ବିଚାର ପରିସରକୁ ନିଆଯାଇଥିଲା। କିନ୍ତୁ ସମସ୍ତଙ୍କୁ ଚକିତ କରି ବାଜି ମାରିନେଇଥିଲେ ଅନନ୍ୟା। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ମୋତେ ପ୍ରଯୋଜକ ଏହି ଅଫରଟି ଦେଲେ ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। ଯେହେତୁ ଏହା ମୋର ପ୍ରଥମ ସିନେମା ତେଣୁ ମୋ ମନରେ ଟିକେ ଭୟ ଥିଲା। ହେଲେ କରନ୍‌ଙ୍କ କେଇପଦ କଥା ମୋ ମନକୁ ବେଶ୍ ହାଲକା କରିଦେଇଥିଲା।' ଏବେ ସେ ଶୁଟିଂ ଚାଲିଥିବା 'ଖାଲି ପିଲି'ର ନାୟିକା ଭୂମିକାରେ ଅଭିନୟ କରୁଛନ୍ତି। ଏହି ଫିଲ୍ମରେ ଅନନ୍ୟାଙ୍କ ନାୟକ ସାଜିଛନ୍ତି ଇଷାନ୍ ଖଟ୍ଟର।

# ଅଳପ ରୁଷାକୁ ଟିକିଏ ହସ, ସହଜେ ଫିଟେନା ପ୍ରେମର ଫାଶ

**ପ୍ରଶ୍ନ**–ମୋତେ ପ୍ରେମ ନିଶା ଫୁଲ୍ ଘାରିଛି। ଏହି ନିଶା କେମିତି ଖସିବ କହିବେ କି ସାଥୀ ?

*–ପ୍ରଫୁଲ୍ଲ ସାହୁ, କେନ୍ଦୁଝର*

**ଉତ୍ତର:** ପ୍ରେମ ଏପରି ଏକ ନିଶା ଯାହା ସହଜରେ ଖସି ନ ଥାଏ। ଏହି ନିଶା ଥରେ ଘାରିଲେ ସେଥିରୁ ମୁକୁଳିବା କେତେ କଷ୍ଟ ତାହା ଅନୁମାନ କରିବା ମଧ୍ୟ ସମ୍ଭବ ନୁହେଁ। ଯଦି ପ୍ରେମ କରିବାର ତରିକା ଠିକ୍ ଅଛି ତେବେ ପ୍ରେମର ଫୁଲ୍ ମଜା ନେଇପାରିବେ। ଯଦି ସେଥିରେ ଓଲମ ବିଲମ ହେଲା ତା'ହେଲେ ପ୍ରେମର ଚାର୍ମ ପିତା ପିତା ଲାଗିବ।

**ପ୍ରଶ୍ନ**–ମୋ ପ୍ରେମିକା ଟିକେ ଫୁଲେଇ। ସେ କେତେବେଳେ ରୁଷୁଛି ତ କେତେବେଳେ ହସୁଛି। ସେ ଏମିତି କାହିଁକି କରୁଛି ?

*–ତନ୍ମୟ ରାଉତ, ସୋନପୁର*

**ଉତ୍ତର:** ଆପଣଙ୍କ ପ୍ରେମିକା ଟିକେ ଫୁଲେଇ, ପୁଣି ବେଳେ ବେଳେ ରୁଷୁଛି। ଏହାକୁ ବାଦ୍ ଦେଲେ ପ୍ରେମର ଗାଡି ଠିକ୍ ଗଡୁଛି ତ ? ଯଦି ହଁ, ତେବେ କିଛି ଚିନ୍ତା କରିବାର ନାହିଁ। କାରଣ, 'ଅଳପ ରୁଷାକୁ ଟିକିଏ ହସ, ସହଜେ ଫିଟେନା ପ୍ରେମର ଫାଶ'। ବାସ୍, ଏସବୁ ଚିନ୍ତା ନ କରି ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲନ୍ତୁ।

**ପ୍ରଶ୍ନ**–ଅନେକ ଥର ଧୋକା ଖାଇଲେ ମଧ୍ୟ ପ୍ରେମ କରିବାକୁ ମନ ହେଉଛି। କ'ଣ କରିବି ?

*–ଦୀପକ କୁମାର, ବାରିପଦା*

**ଉତ୍ତର:** ପ୍ରେମରେ ବାରମ୍ବାର ଧୋକା ଖାଇସାରିଲେଣି ହେଲେ ଆପଣଙ୍କ ମନ ଘର ଧରୁନି। ଏହାର ଅର୍ଥ ଯେ, ଯେଉଁ ରାସ୍ତାରେ ଆପଣ ପ୍ରେମ କରିବାକୁ ଆଗଉଛନ୍ତି ତାହାକୁ ପ୍ରଥମେ ବଦଳାନ୍ତୁ। ପ୍ରେମ କରିବି ବୋଲି ଭାବି ଆଗେଇଲେ ହେବ ନାହିଁ। ସେଥିପାଇଁ ମନ ନିର୍ମଳ ଆଉ ଠିକ ଫର୍ମୁଲା ଆପ୍ଲାଏ କରିବା ବଡ଼ କଥା। ପ୍ରଥମେ ଧୋକା ଖାଇବାର କାରଣ ଖୋଜି ବାହାର କରନ୍ତୁ। ଯଦି ନିଜକୁ ନ ସୁଧାରି ଏମିତି ପ୍ରେମ କରନ୍ତି ତେବେ ତାହାର ଫଳ କ'ଣ ହେବ ଥରେ ଚିନ୍ତା କରନ୍ତୁ ନା ! ତେଣୁ ଏମିତି ପ୍ରେମ କରନ୍ତୁ, ଯାହାର ଫଳ ମିଠା ହିଁ ହେବ।

**ପ୍ରଶ୍ନ**–ପ୍ରେମିକାପ୍ରେମିକମାନେ ବାସ୍ତବ ଜୀବନରେ ସାଥୀ ହୋଇପାରନ୍ତି ନାହିଁ କାହିଁକି ?

*–ବିଜୁ ସାହୁ, ଖଣ୍ଡାଏତା, କଟକ*

**ଉତ୍ତର:** ସବୁ କ୍ଷେତ୍ରରେ ଏପରି ଧାରଣା ଠିକ୍ ନୁହେଁ। ଯେଉଁମାନଙ୍କର ପ୍ରେମରେ ଟିକେ ହେଲେ ଆବିଳତା ନ ଥାଏ ଆଉ ସେହି ପ୍ରେମ ଦୃଢ଼ ବିଶ୍ୱାସ ଉପରେ ଠିଆ ହୋଇଥାଏ ସେଭଳି ପ୍ରେମିକାପ୍ରେମିକ ଏଥିରେ ସକ୍‌ସେସ ହେବା ଚାନ୍ସ ଅଧିକ। ଆଉ ପ୍ରେମକୁ ଯିଏ ହାଲକା ଭାବରେ ନେଇ ତାହାର ମଜା ନିଅନ୍ତି ସେମାନଙ୍କର ପ୍ରେମ ଭସା ବାଦଲ ପରି କୁଆଡେ ଚାଲିଯାଏ ତାହା ସେମାନେ କଳ୍ପନା କରିପାରି ନ ଥାନ୍ତି।

**ପ୍ରଶ୍ନ**–ପ୍ରେମରେ ଧନ ବଡ଼ ନା ମନ ବଡ଼ ? ଯଦି ମନ ବଡ଼ ତେବେ ଅଧିକାଂଶ ଧନକୁ କାହିଁକି ଗୁରୁତ୍ୱ ଦିଅନ୍ତି କହିବେ କି ସାଥୀ ?

*–ସୁନୀଲ ସାହୁ, ପୁରୀ*

**ଉତ୍ତର:** ଯେମିତି ମନ ସେମିତି ପ୍ରେମ। ଯେଉଁମାନେ ପ୍ରେମ ପାଇଁ ଧନକୁ ଅଗ୍ରାଧିକାର ଦିଅନ୍ତି ସେପରି ପ୍ରେମର କିଛି ସ୍ୱାଦ ନ ଥାଏ। ଏପରି ରଙ୍ଗହୀନ ପ୍ରେମରୁ କିଛି ଆଶା କରିବା ମଧ୍ୟ ବୃଥା। ତେଣୁ ଯେଉଁ ପ୍ରେମରେ ମନ ଠିକ ଭାବରେ ମିଶିଯାଏ ସେଭଳି ପ୍ରେମର ମଜା ସବୁବେଳେ ନିଆରା।



ସାଥୀ

ପ୍ରଥମ ରୋଜଗାର



ଅବସରପ୍ରାପ୍ତ ଅତିରିକ୍ତ ଜିଲାପାଳ,ଖୋର୍ଦ୍ଧା **ନିରଞ୍ଜନ ଦାସ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ରୋଜଗାର ଟଙ୍କା ଘରକୁ ପଠାଇଥିଲି

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡାପାଟଣା ଗାଁରେ ମୋର ଜନ୍ମ। ବାଣପୁର ଗୋଦାବରୀଶ ବିଦ୍ୟାପୀଠରୁ ୧୯୬୭ ମସିହାରେ ଏକାଦଶ ଶ୍ରେଣୀ ପାସ୍ କରିବା ପରେ ଖୋର୍ଦ୍ଧା ପ୍ରାଣନାଥ କଲେଜରେ ଆଇ.ଏ. ଓ ରାଜନୀତି ବିଜ୍ଞାନ ସମ୍ମାନ ରଖି ବି.ଏ. ପଢ଼ିଥିଲି। ତା'ପରେ ବାଣୀବିହାରରେ ଏମ୍.ଏ. କଲି। ଏମ୍.ଏ. ରେଜଲ୍ଟ ବାହାରିବା ପରେ ଭବାନୀପାଟଣା ସରକାରୀ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନର ଅଧ୍ୟାପକ ଭାବେ ୧୯୭୫ ମସିହାରେ ଯୋଗ ଦେଇଥିଲି। ଆମେ ୮ ଭାଇଭଉଣୀ (୫ ଭାଇ ଓ ୩ ଭଉଣୀ) ମଧ୍ୟରେ ମୁଁ ଥିଲି ବଡ଼। ଅର୍ଥାତ୍ ବାପାବୋଉଙ୍କର ବଡ଼ ପୁଅ ଭାବେ ଘରର ସବୁ ଦାୟିତ୍ୱ ଥିଲା ମୋ ଉପରେ। ତେଣୁ ଅଧ୍ୟାପକ ଚାକିରି ପାଇବା ପରେ ଯେଉଁ ଦରମା ପାଉଥିଲି, ସେଥିରୁ କିଛି ହାତଖର୍ଚ୍ଚ ପାଇଁ ରଖି ବାକି ଟଙ୍କା ଘରକୁ ପଠାଇ ଦେଉଥିଲି। ତେବେ କଲେଜରେ ଅଧ୍ୟାପନା କରିବା ସହ ସେତେବେଳେ ଓଏଏସ୍ ପରୀକ୍ଷା ପାଇଁ ବି ପ୍ରସ୍ତୁତ ହେଉଥିଲି। ଆଉ ୧୯୮୦ ମସିହାରେ ମୁଁ ଯେତେବେଳେ ଓଏଏସ୍ ପାଇଗଲି ଘରେ ଖୁସିରେ ଯାଇ କହିଲି– ମୁଁ ଆଉ ଅଧ୍ୟାପକ ଚାକିରି କରିବିନି ଚାକିରି ଛାଡିଦେବି। ମୋ କଥା ଶୁଣି ବାପାବୋଉ ଆଶ୍ଚର୍ଯ୍ୟ ହୋଇଗଲେ ଆଉ ମୋତେ ପଚାରିଲେ–'ତୁ ଚାକିରି ଛାଡିଦେବୁ, କିନ୍ତୁ କାହିଁକି' ! ତା'ପରେ ମୁଁ ତାଙ୍କୁ କହିଲି, ଆମ ଅଞ୍ଚଳରେ ଯେଉଁ ତହସିଲଦାର ବାବୁ ଆଉ ସବ୍ କଲେକ୍ଟର ବାବୁଙ୍କୁ ତମେ ଦେଖୁନ ମୁଁ ସେହି ଭଳିଆ ଗୋଟେ ବାବୁ ଚାକିରି କରିବି ପରା। ଏକଥା ଶୁଣିଲା ପରେ ସେମାନେ ସେଦିନ ବହୁତ ଖୁସି ହୋଇଥିଲେ ଆଉ ମୋତେ ଆଶୀର୍ବାଦ ବି କରିଥିଲେ। ଏହାପରେ ମୁଁ ଅଧ୍ୟାପକ ଚାକିରି ଛାଡି ନିଜାରତ୍ ଅଫିସର୍ ଭାବେ ବୌଦ୍ଧରେ ଯାଇ ଯୋଗ ଦେଇଥିଲି। କିଛିଦିନ ପରେ ଫୁଲବାଣୀକୁ ରେଭେନ୍ୟୁ ଅଫିସର୍ ଭାବେ ମୋର ବଦଳି ହୋଇଥିଲା। ତା'ପରେ କେନ୍ଦ୍ରାପଡାରେ ସହକାରୀ ଚକବନ୍ଦୀ ଅଫିସର୍ ଏବଂ ପରେ ଚକବନ୍ଦୀ ଅଫିସର୍ ଭାବେ କିଛିଦିନ କାମ କରି ବଡମ୍ବାରେ ତହସିଲ୍‌ଦାର୍ ଭାବେ ଯୋଗ ଦେଇଥିଲି। କିଛିଦିନ ପରେ ସେଠୁ ପ୍ରମୋଶନ ପାଇ ସବ୍–କଲେକ୍ଟର ଭାବେ ସୁନ୍ଦରଗଡ଼ ଯାଇଥିଲି। ତା'ପରେ ବୋର୍ଡ ଅଫ୍ ରେଭେନ୍ୟୁରେ କିଛିଦିନ ଅଣ୍ଡର ସେକ୍ରେଟାରୀ ଏବଂ ପରେ ପ୍ରମୋଶନ ପାଇ ସେକ୍ରେଟାରିଏଟ୍‌ର ଏଜୁକେଶନ୍ ଡିପାର୍ଟମେଣ୍ଟରେ ଡେପୁଟି ସେକ୍ରେଟାରୀ ଭାବେ ବି କାମ କରିଥିଲି। ଏହାପରେ ସୁନ୍ଦରଗଡ଼ ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ୍ ଡେଭେଲପମେଣ୍ଟ ଏଜେନ୍ସିର ପ୍ରୋଜେକ୍ଟ ଆଡ୍‌ମିନିଷ୍ଟ୍ରେଟର୍ ଭାବେ କିଛିଦିନ କାମ କରି ବରଗଡ଼ରେ ଡିଷ୍ଟ୍ରିକ୍ଟ ରୁରାଲ୍ ଡେଭେଲପମେଣ୍ଟ ଏଜେନ୍ସିର ପ୍ରୋଜେକ୍ଟ ଡାଇରେକ୍ଟର ଭାବେ ଯୋଗ ଦେଇଥିଲି। ତା'ପରେ ପୁଣି ସେକ୍ରେଟାରିଏଟ୍‌ରେ ଡେପୁଟି ସେକ୍ରେଟାରୀ ଭାବେ କିଛିଦିନ କାମ କରି ବଲାଙ୍ଗୀରରେ ଅତିରିକ୍ତ ଜିଲାପାଳ ଭାବେ ଯୋଗ ଦେଇଥିଲି। ୪ ବର୍ଷ ପରେ ଖୋର୍ଦ୍ଧାକୁ ମୋର ବଦଳି ହୋଇଥିଲା। ଆଉ ଶେଷରେ ଖୋର୍ଦ୍ଧାରୁ ହିଁ ୨୦୦୮ରେ ଅତିରିକ୍ତ ଜିଲାପାଳ ଭାବେ ମୁଁ ଚାକିରି କ୍ଷେତ୍ରରୁ ଅବସର ନେଇଥିଲି। ଅବସର ପରେ ଏବେ ପରିବାରବର୍ଗଙ୍କ ସହ ମୋର ସମୟ ବିତୁଛି। ତେବେ ସ୍କୁଲରେ ପଢ଼ିଲାବେଳେ ମୁଁ କିଛି ଗପ ଲେଖିଥିଲି। ତା'ସହିତ ଫୁଟ୍‌ବଲ୍, ହକି, ବ୍ୟାଡ୍‌ମିଟନ୍ ଖେଳିବାରେ ମଧ୍ୟ ବେଶ୍ ଆଗରେ ଥିଲି। ଏପରିକି ଇଣ୍ଟର କଲେଜ କମ୍ପିଟିଶନ୍‌ରେ ଫୁଟ୍‌ବଲ୍ ଓ ହକି ଖେଳରେ ମୁଁ ଆମ କଲେଜକୁ ରିପ୍ରେଜେଣ୍ଟ ବି କରୁଥିଲି। ଏବେ ପୁରୁଣା ଦିନର ସେହି ସବୁ ଘଟଣାଗୁଡ଼ିକ ମୋ ପାଇଁ କେବଳ ସ୍ମୃତି ହୋଇ ରହିଯାଇଛି।





# ବିବିଧ କଳାରେ ନିପୁଣ ଫରେଷ୍ଟର





ପେସା ତାଙ୍କର ସରକାରୀ ଚାକିରି, ନିଶା କିନ୍ତୁ କାଠରେ ସୁନ୍ଦର ମୂର୍ତ୍ତି ତିଆରି କରିବା। କାଠରେ ସେ ରାଧାକୃଷ୍ଣ, ଗଣେଶ ଆଦି ଦେବଦେବୀଙ୍କ ମୂର୍ତ୍ତି ତିଆରି କରନ୍ତି। ଆଉ ସେଗୁଡ଼ିକ ରଙ୍ଗ କରିବା ପରେ ଲାଗନ୍ତି ସତେ ଯେମିତି ଜୀବନ୍ତ ପ୍ରତୀମା। କାଠ ଦେହରେ ଜୀବନ ଫୁଟାଉଥିବା ଏହି ବ୍ୟକ୍ତି ହେଉଛନ୍ତି ମାନସ ରଞ୍ଜନ ସାହୁ। ଦେବଗଡ଼ ଜିଲା ରିଆମାଳ ବ୍ଲକ ପାଇକନଗରର ପ୍ରଭାତ କୁମାର ସାହୁ ଓ ପଙ୍କଜିନି ସାହୁଙ୍କର ସେ ସନ୍ତାନ। ମାନସ ସ୍ନାତକ ରସାୟନ ବିଜ୍ଞାନ ସମ୍ମାନରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ୨୦୧୫ ଏପ୍ରିଲରେ ଦେବଗଡ଼ କେନ୍ଦୁପତ୍ର ବନଖଣ୍ଡରେ ଫରେଷ୍ଟର ଭାବେ ଯୋଗଦେଇଥିଲେ। ସେହିଦିନଠାରୁ ବନସୁରକ୍ଷା, ପରିବେଶ ସୁରକ୍ଷା କ୍ଷେତ୍ରରେ ସେ ବିଭିନ୍ନ ପ୍ରକାର କାର୍ଯ୍ୟ କରିଆସୁଛନ୍ତି। ବନବିଭାଗର କର୍ମଚାରୀ ବୋଲି ଯେ, ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି, ତାହା ନୁହେଁ, ଜଙ୍ଗଲ ପ୍ରକୃତରେ ମାନବ ସମାଜର କେତେ ଉପକାର କରୁଛି ତାହା ସେ ମର୍ମେ ମର୍ମେ ଅନୁଭବ କରିଛନ୍ତି। ତେଣୁ ସେ ବନସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଚାଲିଛନ୍ତି। ଫଳସ୍ୱରୂପ ୨୦୧୮ ମେ ୨୧ରେ ଭୁବନେଶ୍ୱରଠାରେ ବିଶ୍ୱ ବନଦିବସ ପାଳନ ଅବସରରେ ତାଙ୍କୁ ସର୍ବଶ୍ରେଷ୍ଠ ଫରେଷ୍ଟର ଭାବେ ପୁରସ୍କୃତ କରାଯାଇଛି। ସେ କେବଳ ଯେ ବନସୁରକ୍ଷା ପ୍ରତି ଅଙ୍ଗୀକାର ହୋଇ ନାନା କାମ କରୁଛନ୍ତି ତାହା ନୁହେଁ, ଜଣେ ଉତ୍ତମ ଶିଳ୍ପୀ ମଧ୍ୟ ହୋଇପାରିଛନ୍ତି ମାନସ। ସେ କହନ୍ତି, ‘‘ଦିନେ ଏମିତି ମନକୁ ଆସିଲା କାଠର ସୁନ୍ଦରମୂର୍ତ୍ତି ତିଆରି କଲେ କେମିତି ହୁଅନ୍ତା। ଆଉ ନିଜେ ନିଜେ ଚେଷ୍ଟା କଲି କାଠର ମୂର୍ତ୍ତି ତିଆରି କରିବାକୁ। କିଛିଟା ସଫଳ ହେଲେ ବି ସେତେ ନିଖୁଣ ହେଉ ନ ଥିଲା। ତେଣୁ ପରେ ଜଣେ କାଠମୂର୍ତ୍ତି ତିଆରି କରୁଥିବା ଶିଳ୍ପୀଙ୍କ ପାଖକୁ ଯାଇ ତାଙ୍କ କାମ ଦେଖିଲି। ଆଉ ଧୀରେ ଧୀରେ ଶିଖିଗଲି। ପ୍ରଥମେ ପ୍ରଥମେ ସେତେଟା ଭଲ ହେଉ ନ ଥିଲା। ଏବେ କିନ୍ତୁ କାଠର ସୁନ୍ଦର ସୁନ୍ଦର ମୂର୍ତ୍ତି ତିଆରି କରିପାରୁଛି।’’ ଏହି ମୂର୍ତ୍ତିଗୁଡ଼ିକୁ ତିଆରି କରି ମାନସ ବିଭିନ୍ନ କାର୍ଯ୍ୟାଳୟ, ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଉପହାରସ୍ୱରୂପ ପ୍ରଦାନ କରନ୍ତି। କାରଣ ସେ ଏହାକୁ କୌଣସି ବ୍ୟବସାୟୀଙ୍କ ଉଦ୍ଦେଶ୍ୟରେ ତିଆରି କରୁନାହାନ୍ତି ବୋଲି କହନ୍ତି। କାର୍ଯ୍ୟ ବ୍ୟସ୍ତତା ଭିତରେ ଟିକେ ସମୟ ପାଇଲେ ସେ ମୂର୍ତ୍ତି ତିଆରିରେ ଲାଗିଯାଆନ୍ତି। କାଠମୂର୍ତ୍ତି ସହ ସେ ଭଲ ୱାଲପେଣ୍ଟିଂ ବି କରିପାରନ୍ତି। ଜୀବଜନ୍ତୁ ସହ ଜୀବନର ବିବିଧ ଚିତ୍ରକୁ ସେ ରଙ୍ଗତୂଳୀରେ ସୁନ୍ଦରଭାବେ ଫୁଟାଇଥାନ୍ତି। ଚିତ୍ରଶିଳ୍ପୀ, କାଠଶିଳ୍ପୀ ସହ ସେ ଜଣେ ଭଲ ବଂଶୀବାଦକ ମଧ୍ୟ। ସମୟ ପାଇଲେ ସେ ବଂଶୀ ବଜାନ୍ତି। ବଂଶୀ ବଜାଇବା ସମ୍ପର୍କରେ ସେ କହନ୍ତି, ‘‘ଗୋହିରା ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢିବାବେଳେ ସ୍କୁଲର ରୋଷେୟା ଖୁବ୍ ସୁନ୍ଦର ବଂଶୀ ବଜାଉ ଥିଲେ। ସେଇ ବଂଶୀର ଧୂନ ଶୁଣିବା ପରଠୁ ବଂଶୀବାଦନ ପ୍ରତି ମୋର ଦୁର୍ବଳତା ବଢିଲା। ଆଉ ଦେବଗଡ଼ ଗଣେଶ ମେଳାରୁ ପ୍ରଥମେ ବଂଶୀ କିଣି ବଜାଇବା ଆରମ୍ଭ କରିଥିଲି। ସେବେଠାରୁ ବଜାଇ ଚାଲିଛି। ଏଥିପାଇଁ ସ୍ୱତନ୍ତ୍ର ତାଲିମ ନେଇନି। ବଂଶୀ ଭଗବାନ କୃଷ୍ଣଙ୍କର ପ୍ରିୟ ଥିଲା। ଆମେ ସମସ୍ତେ ତାଙ୍କର କରୁଣାରୁ ସଂସାରରେ ରହିଛୁ। ତେଣୁ ମୋର ବଂଶୀ ଓ କୃଷ୍ଣଙ୍କ ମୂର୍ତ୍ତି ପ୍ରତି ସ୍ୱତନ୍ତ୍ର ଦୁର୍ବଳତା ରହିଛି।’’ ଚାକିରିଠାରୁ ଆରମ୍ଭ କରି ମୂର୍ତ୍ତି ତିଆରି ସବୁ କ୍ଷେତ୍ରରେ ତାଙ୍କର ସ୍ତ୍ରୀ ସୁମନ ସମ୍ମିତା ପ୍ରେରଣା ଦେଇ ଆସିଛନ୍ତି ବୋଲି ମାନସ କହନ୍ତି। ତାଲିମ ନ ନେଇ ବି ସେ ସବୁଥିରେ ପାରଙ୍ଗମ ହୋଇପାରିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, ‘‘ଇଚ୍ଛା ଥିଲେ ସବୁ ସମ୍ଭବ। ତାଲିମର ଜରୁରୀ ଆବଶ୍ୟକତା ନାହିଁ।’

– **ଶଶାଙ୍କ ଶେଖର ଝାଙ୍କର**, ଦେବଗଡ଼





## ମନିପ୍ଲାଣ୍ଟ



୧.ମନିପ୍ଲାଣ୍ଟର ପତ୍ର ବଡ଼ ଓ ସବୁଜ ରହିବା ଶୁଭ ବୋଲି ମଣାଯାଏ। ପତ୍ର ମଉଳିବା, ଝଡ଼ିବା ଓ ହଳଦିଆ ହେବା ଅଶୁଭ ଧରାଯାଏ। ତେଣୁ ଖରାପ ପତ୍ରକୁ ହଟେଇ ଦେବା ଜରୁରୀ। ଆଉ ଏହା ଉପର ଆଡକୁ ଲଟାଇବା ଭଲ। କାରଣ ଭୂମି ଉପରେ ଲଟିଥିବା ମନି ପ୍ଲାଣ୍ଟ ବାସ୍ତୁ ଦୋଷ ବଢ଼ାଇଥାଏ ବୋଲି ବିଶ୍ୱାସ କରାଯାଏ।

୨.ମନିପ୍ଲାଣ୍ଟକୁ ଦକ୍ଷିଣ-ପୂର୍ବ ଦିଗରେ ଲଗାଇବା ଭଲ। ଏହି ଦିଗରେ ଲଗାଇଲେ ସକାରାତ୍ମକ ଉର୍ଜା ବଢ଼ିଥାଏ। ହିନ୍ଦୁ ଧର୍ମାନୁସାରେ ଏହି କୋଣ ଭଗବାନ ଗଣେଶଙ୍କର ଅଟେ। ତେଣୁ ଉକ୍ତ ପ୍ଲାଣ୍ଟ ଏହି ଦିଗରେ ଲଗାଇଲେ ବ୍ୟକ୍ତିଙ୍କ ଭାଗ୍ୟ ଖୋଲିଯାଏ।

୩.ଏହାକୁ ଉତ୍ତର-ପୂର୍ବ ଦିଗରେ ଲଗାଇବା ଉଚିତ ନୁହେଁ। ଏହି ଦିଗରେ ଲଗାଇଲେ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ତେଣୁ ଘରର ସଦସ୍ୟ ଅସୁସ୍ଥ ହୋଇପାରନ୍ତି।

୪.ଏହି ପ୍ଲାଣ୍ଟକୁ ଘରେ ବୁଧବାର ଦିନ ରେବତି ନକ୍ଷତ୍ରରେ ଲଗାନ୍ତୁ। କାରଣ ଏହିଦିନକୁ ଶ୍ରୀ ଗଣେଶଙ୍କ ଦିନଭାବେ ବିବେଚନା କରାଯାଏ।

୫.ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିଥିଲେ ସର୍ବପ୍ରଥମେ ପୂର୍ବ ଅବା ପଶ୍ଚିମ ଦିଗରେ ଲଗାଯାଇଥିବା ମନି ପ୍ଲାଣ୍ଟକୁ ହଟେଇ ଦିଅନ୍ତୁ। କାରଣ ଏହି ଦିଗରେ ଲଗାଯାଇଥିବା ମନିପ୍ଲାଣ୍ଟ ମାନସିକ ଅଶାନ୍ତି ସହ ସମ୍ପର୍କରେ ତିକ୍ତତା ସୃଷ୍ଟି କରିଥାଏ। ଏମିତି କ୍ଷେତ୍ରରେ ଘର ଲୋକଙ୍କ ମଧ୍ୟରେ ସମ୍ପର୍କ ମଧୁର ହେବା ଲାଗି ହାର୍ଟ ଶେପ୍‌ର ପତ୍ର ହେଉଥିବା ମନିପ୍ଲାଣ୍ଟ ଘରେ ଲଗାଇବା ଭଲ।

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଦ୍ରିଷ୍ଟା


ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧


ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ଦୁଃଖୀ

ସ୍ତ୍ରୀ ସ୍ୱାମୀଙ୍କୁ- ତମକୁ ବାହାହେଇ ମୋ ଜୀବନ ନଷ୍ଟ ହୋଇଗଲା। କୋଉ ରାକ୍ଷସକୁ ବାହା ହେଇଥିଲେ ବି ମୁଁ ଏତେ ଦୁଃଖୀ ନ ଥାଆନ୍ତି ଯେତିକି ତୁମକୁ ବାହାହେଇ ଅଛି।

ସ୍ୱାମୀ- ତମ ଦୁଃଖ ମୁଁ ବୁଝିପାରୁଛି। ହେଲେ ରକ୍ତ ସମ୍ପର୍କରେ କ'ଣ କେହି ବାହା ହୁଅନ୍ତି?

### ପକ୍ଷୀ

ଶିକ୍ଷକ ପପୁକୁ- ତୁ ପକ୍ଷୀଙ୍କ ସମ୍ପର୍କରେ କିଛି ଜାଣିଛୁ ନା ନାହିଁ?

ପପୁ- ସାର୍ ସବୁ ଜାଣିଛି।

ଶିକ୍ଷକ- ହଉ, ତା'ହେଲେ କହିଲୁ କେଉଁ ଚଢ଼େଇ ଉଡ଼ିପାରେନା?

ପପୁ- ମଲା ଚଢ଼େଇ।

### ବାକ୍ୟ

ଶିକ୍ଷକ- ଏମିତି ଏକ ବାକ୍ୟ କୁହ, ଯେଉଁଥିରେ ହିନ୍ଦୀ, ପଞ୍ଜାବୀ, ଉର୍ଦ୍ଦୁ ଓ ଇଂରାଜୀ ଶବ୍ଦ ବ୍ୟବହାର ହୋଇଥିବ।

ଗୋଲୁ-ସାର୍, ମୁଁ କହିବି।

ଶିକ୍ଷକ- କହ।

ଗୋଲୁ- ଇସ୍କ ଦି ଗଲି ୱିଚ୍ ନୋ ଏଣ୍ଟ୍ରି...



# ପଶ୍ଚିମ ଓଡ଼ିଶାର ଧବଳେଶ୍ୱର ପୀଠ

ପଶ୍ଚିମ ଓଡ଼ିଶାର ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରଠାରୁ ଅଳ୍ପ ଦୂରରେ ଥିବା କୁମୁଡ଼ା ପାହାଡ଼ରେ ରହିଛି ପ୍ରସିଦ୍ଧ ଶ୍ରୀ ଶ୍ରୀ ଧବଳେଶ୍ୱର ପୀଠ। ଓଡ଼ିଶାରେ ଥିବା ବିଭିନ୍ନ ଐତିହାସିକ ଶୈବପୀଠ ମଧ୍ୟରୁ ଏହା ହେଉଛି ଅନ୍ୟତମ। ଏଠାରେ ଶ୍ରୀ ଶ୍ରୀ ଧବଳେଶ୍ୱର ଓ ମାତା ପାର୍ବତୀଙ୍କୁ ପ୍ରତ୍ୟକ୍ଷ ଦେବଦେବୀ ଭାବେ ପୂଜା କରାଯାଇଥାଏ। ସେଥିପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଆସି ଏଠାରେ ମନସ୍କାମନା କରିଥାନ୍ତି...

### ଧବଳେଶ୍ୱର ମହାଦେବଙ୍କ ଆବିର୍ଭାବ ସମ୍ପର୍କରେ

ଧବଳେଶ୍ୱର ମହାଦେବଙ୍କ ଆବିର୍ଭାବ ସମ୍ପର୍କରେ ମନ୍ଦିରର ମୁଖ୍ୟ ପୂଜକ କୁହନ୍ତି– ମହାରାଜା ଅଶୋକଙ୍କ ଶାସନ ସମୟରେ ରାଜା ନିଜ ସୈନ୍ୟସାମନ୍ତଙ୍କ ସହିତ ପରିଭ୍ରମଣରେ ଟିଟିଲାଗଡ଼ ଦେଇ ଯାଉଥିବାବେଳେ କିଛି ସମୟ ପାଇଁ କୁମୁଡ଼ା ପାହାଡ଼ ନିକଟରେ ବିଶ୍ରାମ ନେଇଥିଲେ। ସେଠାରେ ସେ ଏକ ବିରାଟ ଗୁମ୍ଫା ଭିତରେ ଶିବଲିଙ୍ଗଟିଏ ପୋତିହୋଇ ରହିଥିବାର ଦେଖିବାକୁ ପାଇଲେ। ସୈନ୍ୟସାମନ୍ତଙ୍କ ଦ୍ୱାରା ମହାରାଜା ସେହି ସ୍ଥାନକୁ ଖୋଳି ଉକ୍ତ ଶିବଲିଙ୍ଗଙ୍କୁ ଉଦ୍ଧାର କରିବା ସହ ସେଠାରେ ଏକ ମନ୍ଦିର ନିର୍ମାଣ କରାଇଲେ, ଆଉ ତାକୁ ଧବଳେଶ୍ୱର ପୀଠ ନାମରେ ଘୋଷଣା ବି କଲେ। ତା'ସହିତ ସ୍ଥାନୀୟ ବାସିନ୍ଦା ପାଢ଼ୀ ବଂଶଧରଙ୍କୁ ସେଠାରେ ପୂଜା କରିବାକୁ ନିୟୋଜିତ ମଧ୍ୟ କରିଥିଲେ। ଗୁମ୍ଫା ଭିତରେ ପୂଜା ପାଉଥିବା ଶିବଲିଙ୍ଗଙ୍କ ପାର୍ଶ୍ୱରେ ମାତା ପାର୍ବତୀ, ଗଣେଶ, କାର୍ତ୍ତିକେଶ୍ୱର, ପଞ୍ଚ ବୃଷଭଙ୍କ ମୂର୍ତ୍ତି ଥିବା ଦେଖିବାକୁ ମିଳିଥାଏ। ତା'ଛଡ଼ା ଉକ୍ତ ଗୁମ୍ଫା ଭିତରେ ଆଉ ଏକ ଗୁମ୍ଫା ବି ରହିଛି, ଯେଉଁଠାରେ ଶିବପାର୍ବତୀଙ୍କର ମୂର୍ତ୍ତି ଥିବା ଦେଖାଯାଏ। ତେବେ ଏହି ଗୁମ୍ଫା ଭିତର ଦେଇ ପ୍ରାୟ ୪୫ କି.ମି. ଦୂରରେ ଥିବା ରାଣୀପୁର ଝରିଆଲ ପର୍ଯ୍ୟନ୍ତ ଏକ ଗୁପ୍ତ ସୁଡ଼ଙ୍ଗ ରହିଛି ବୋଲି ବି ଶୁଣିବାକୁ ମିଳିଥାଏ।

### ଧବଳେଶ୍ୱର ପୀଠର ସୌନ୍ଦର୍ଯ୍ୟ ଓ କାରୁକାର୍ଯ୍ୟ

ଏହି ପୀଠ ଭିତରେ ଯଜ୍ଞମଣ୍ଡପ, ତୁଳସୀ ମନ୍ଦିର, ଚଣ୍ଡୀ ମନ୍ଦିର, ଘଣ୍ଟାସିନୀ ମନ୍ଦିର ତଥା ଏକ ବିରାଟ ଶିବଙ୍କ ମସ୍ତକ ଦେଖିବାକୁ ମିଳିଥାଏ। ସେହିପରି ଏଠାରେ ଏକ ବ୍ୟାଘ୍ର ଗୁମ୍ଫା ମଧ୍ୟ ରହିଛି। କୁହାଯାଏ, ଏକଦା ଏହି ଗୁମ୍ଫାରେ ବାଘଟିଏ ବାସ କରୁଥିଲା, ଆଉ ଭକ୍ତମାନେ ତାକୁ କ୍ଷୀର, ଫଳମୂଳ ଖାଇବାକୁ ଦେଉଥିଲେ। ସେ କାହାର କିଛି କ୍ଷତି ବି କରୁ ନ ଥିଲା। ବ୍ୟାଘ୍ର ଗୁମ୍ଫା ବ୍ୟତୀତ କୁମୁଡ଼ା ପାହାଡ଼ ଉପରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ନିର୍ମିତ ଏକ ରାମମନ୍ଦିରକୁ ବି ପର୍ଯ୍ୟଟକ ଦେଖିପାରିବେ। ତା'ଛଡ଼ା ଉକ୍ତ ପାହାଡ଼ ଉପରେ ଥିବା ଏକ ପୋଖରୀ ସମେତ ଦୁଇଟି କୂଅ ବି ଅନ୍ୟତମ ଆକର୍ଷଣ ସାଜିଥାଏ। ସେହିପରି ପୀଠର ଉତ୍ତର ଦିଗରେ ୯ ଏକର ବିଶିଷ୍ଟ ଏକ ବିରାଟ ଦେବନ୍ଧ ପୋଖରୀ ରହିଛି। ଟିଟିଲାଗଡ଼ ମ୍ୟୁନିସିପାଲିଟି ଦ୍ୱାରା ପରିଚାଳିତ ଏକ ପ୍ରମୋଦ ଉଦ୍ୟାନ ବି ଏଠାରେ ଅଛି। ଏତଦ୍ ବ୍ୟତୀତ ହନୁମାନ ମନ୍ଦିର, ଗଣେଶ ମନ୍ଦିର, କଲ୍ୟାଣ ଓ ପ୍ରହରି ମଣ୍ଡପ ତଥା ଏକ ଫୁଲ ବଗିଚା ବି ଏହି ପୀଠ ମଧ୍ୟରେ ଶୋଭା ପାଉଛି।







### କୁମୁଡ଼ା ପାହାଡ଼ର ଦୃଶ୍ୟ

ଏହି କୁମୁଡ଼ା ପାହାଡ଼ର ଲମ୍ବ ପ୍ରାୟ ଏକ କି.ମି. ଏବଂ ଓସାର ଅଧ କି.ମି. ବିଶିଷ୍ଟ। ଏହି ପାହାଡ଼ ଉପରେ ବୃକ୍ଷଲତା ନାହିଁ। କାରଣ ଏହା ଏକ ବିରାଟକାୟ ଲଣ୍ଡା ପାହାଡ଼। ତେବେ ଏହି ଏକ କି.ମି. ଲମ୍ବବିଶିଷ୍ଟ କୁମୁଡ଼ା ପାହାଡ଼ର ପୂର୍ବରୁ ପଶ୍ଚିମ ଦିଗ ଯାଏଁ ଅନୁମାନ କଲେ ଏହା ଏକ ବିରାଟକାୟ ବୃଷଭ ଆକୃତି ପରି ଦେଖାଯାଇଥାଏ। ଉକ୍ତ ପାହାଡ଼ର ଦକ୍ଷିଣ ଦିଗରେ କୁମୁଡ଼ା ଗ୍ରାମ ସମେତ ବିଭିନ୍ନ ମନ୍ଦିର ଓ ୪ଟି ପୁଷ୍କରିଣୀ ଦେଖିବାକୁ ମିଳିଥାଏ। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବାରୁ ଓଡ଼ିଶା ପର୍ଯ୍ୟଟନ ବିଭାଗ ତରଫରୁ ଏଠାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନିର୍ମାଣାଧୀନ ରହିଛି। ସେହିପରି କୁମୁଡ଼ା ପାହାଡ଼ ସୁରକ୍ଷା ସମିତି, ଟିଟିଲାଗଡ଼ ଦ୍ୱାରା ଏହି ପାହାଡ଼ର ଉତ୍ତର ଓ ପଶ୍ଚିମ ଦିଗରେ ୨୦୧୩ ମସିହାରୁ ବୃକ୍ଷରୋପଣ ଓ ସୌନ୍ଦର୍ଯ୍ୟକରଣ ଅଭିଯାନ ବି ଆରମ୍ଭ ହୋଇଛି।

### ଧବଳେଶ୍ୱର ମହାଦେବଙ୍କ ପର୍ବପର୍ବାଣି ଓ ପୂଜାବିଧି

ଭୋର୍ ୪ଟାରୁ ମନ୍ଦିର ଦ୍ୱାର ଫିଟାଯାଇ ନୀତିନିୟମ ଅନୁସାରେ ଦେବଦେବୀଙ୍କର ପୂଜାବିଧି କରାଯାଇଥାଏ। ମଧ୍ୟାହ୍ନରେ ଅନ୍ନଭୋଗ ଓ ସନ୍ଧ୍ୟାରେ ଆଳତି ଦିଆଯାଇଥାଏ। ଏହି ମନ୍ଦିରରେ ମୁଖ୍ୟତଃ ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀରେ ୭ଦିନ ବ୍ୟାପି ମହାଶିବରାତ୍ରି ମହାସମାରୋହରେ ପାଳିତ ହୋଇଥାଏ। ଏହି ସମୟରେ ରାଜ୍ୟ ତଥା କଲିକତା, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ ସମେତ ଭାରତର ବିଭିନ୍ନ କୋଣ ଅନୁକୋଣରୁ ଦୋକାନ, ବଜାର, ମିନାବଜାର ପ୍ରଭୃତି ଏଠାକୁ ଆସିଥାଏ। ତା'ଛଡ଼ା ଶିବରାତ୍ରି ଉପଲକ୍ଷେ ଯଜ୍ଞ ମଣ୍ଡପରେ ପୂଜାବିଧି ସହିତ ପ୍ରହରି ମଣ୍ଡପରେ ନାମଯଜ୍ଞ କରାଯାଇଥାଏ। ସେହିପରି ଏଠାରେ ଶ୍ରାବଣ ମାସରେ ଲକ୍ଷ ଲକ୍ଷ ବୋଲ୍‌ବମ୍ ଭକ୍ତଙ୍କ ଭିଡ଼ ବି ଜମିଥାଏ। ଭକ୍ତମାନଙ୍କ ମନସ୍କାମନା ପୂରଣ ପାଇଁ ଏଠାରେ ରୁଦ୍ରାଭିଷେକ, ମୁଣ୍ଡନ, ନାମଯଜ୍ଞ ତଥା ବିବାହ କର୍ମ ଆଦି କରାଯାଇଥାଏ।

### ଶୈବପୀଠ ପରିଚାଳନା ପାଇଁ ଟ୍ରଷ୍ଟ ବୋର୍ଡ

ଏହି ଶୈବପୀଠଟି ଟିଟିଲାଗଡ଼ ଉପଜିଲାପାଳ, ସ୍ଥାନୀୟ ବିଧାୟକ ତଥା ଅନ୍ୟ କର୍ମକର୍ତ୍ତାଙ୍କ ଦ୍ୱାରା ପରିଚାଳିତ ହେଉଅଛି। ୨୦୧୯ ମସିହାରୁ ଓଡ଼ିଶା ପର୍ଯ୍ୟଟନ ବିଭାଗ ତରଫରୁ ମନ୍ଦିରର ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ନିର୍ମାଣାଧୀନ ରହିଛି। ଏହି ମନ୍ଦିରରେ ମୁଖ୍ୟ ପୂଜକ ଭାବେ ନରେନ୍ଦ୍ର ପାଢ଼ୀ ଓ ସହଯୋଗୀ ପୂଜକ ରୂପେ ସୁମନ୍ତ ପାଢ଼ୀ ପୂଜାର୍ଚ୍ଚନା କରି ଆସୁଛନ୍ତି।

### କେମିତି ଯିବେ

ପ୍ରସିଦ୍ଧ ଧବଳେଶ୍ୱର ମହାଦେବଙ୍କ ଦର୍ଶନ ଲାଗି ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ଟିଟିଲାଗଡ଼ ରେଳ ଜଙ୍କଶନ୍‌ରେ ଟ୍ରେନ୍‌ରୁ ଓହ୍ଲାଇ ଅଳ୍ପ ଦୂରରେ ଥିବା ଏହି ଶୈବପୀଠକୁ ଅଟୋ କିମ୍ବା ରିକ୍ସାରେ ନଚେତ୍ ପାଦରେ ଚାଲି ଚାଲି ଯିବାକୁ ହୋଇଥାଏ। ଟିଟିଲାଗଡ଼ ରେଳଷ୍ଟେଶନ ଏକ ଜଙ୍କଶନ୍ ହୋଇଥିବାରୁ ଏଠାକୁ ଦିଲ୍ଲୀ, ମୁମ୍ବାଇ, କଲିକତା, ଆନ୍ଧ୍ରପ୍ରଦେଶ ତଥା ମଧ୍ୟପ୍ରଦେଶ ଆଦି ସ୍ଥାନରୁ ସିଧାସଳଖ ଟ୍ରେନ୍‌ର ସୁବିଧା ରହିଛି।

–ତୁମେଶ୍ୱର ସାହୁ, କେସିଙ୍ଗା







# ରଙ୍ଗିନ ବାଦଲ

ସାଇବେରିଆର ଉଚ୍ଚତମ ଶୃଙ୍ଗ ବେଲୁଖା ପର୍ବତ। ନିକଟରେ ଏହି ପର୍ବତର ଉପରିଭାଗରେ ଦେଖିବାକୁ ମିଳିଥିଲା ଏକ ଚମତ୍କାର ଦୃଶ୍ୟ। କିଛି ରଙ୍ଗିନ ବାଦଲ ଏହି ପର୍ବତର ଶିଖର ଦେଶରେ ଭାସମାନ ହୋଇ ଏକ ଦିବ୍ୟ ପରିବେଶ ସୃଷ୍ଟି କରୁଥିଲା। ଆଉ ଉକ୍ତ ଦୃଶ୍ୟକୁ ଶ୍ୱେତଲାନା କାଜିନା ନାମ୍ନୀ ଜଣେ ଫଟୋଗ୍ରାଫର ନିଜ କ୍ୟାମେରାରେ ଉତ୍ତୋଳନ କରିଥିଲେ। ସାବୁନ୍ ଫେଣର ଫୋଟକା ବା ପାଣି ଉପରେ ତେଲ ଭାସମାନ ହେଲେ ଯେଉଁଭଳି ରଙ୍ଗିନ ଦୃଶ୍ୟ ଦେଖିବାକୁ ମିଳେ, ଠିକ୍ ସେହିଭଳି ଥିଲା ସେହି ବାଦଲ୍‌ର ରଙ୍ଗ। ଶିଖର ଦେଶରେ ପବନର ବେଗ ବି ଅଧିକ ଥିବାରୁ ସେହି ବାଦଲ ଭିନ୍ନ ଭିନ୍ନ ଆକାର ନେଉଥିଲା। ଆଉ ସେହି ବାଦଲ ବହୁତ ପତଳା ବି ଥିଲା। ତେଣୁ ତାହା ବେଶ୍ ଆକର୍ଷକ ଲାଗୁଥିଲା।

## କାର୍ଟୁନ କର୍ନର



# ଗାୟିକା ଜହ୍ନ



ପୁରା ନାମ ମିନତି ଖିଲାର। ହେଲେ ବାପା ମା’ ତାଙ୍କୁ ଶ୍ରଦ୍ଧାରେ ଡାକୁଥିଲେ ଜହ୍ନ। ଆଉ ସେହି ଜହ୍ନ ନାଁଟି ହିଁ ତାଙ୍କୁ ଓଡ଼ିଆ ଯାତ୍ରା ଜଗତରେ ପରିଚିତି ଆଣିଦେଲା। ଏବେ ମିନତି ବୋଲି କହିଲେ ହୁଏତ କେହି ଜାଣି ନ ପାରନ୍ତି। ମାତ୍ର ଜହ୍ନ ବୋଲି କହିଲେ ଯାତ୍ରାକୁ ଭଲ ପାଉଥିବା ଲୋକମାନଙ୍କ ଆଖିରେ ନାଚିଯିବ ନାଚିନାଚି ଗୀତ ଗାଉଥିବା ଜଣେ ସୁରିଲା ଗାୟିକାଙ୍କ ଚେହେରା। ସମ୍ପ୍ରତି ଯାତ୍ରାଶ୍ରୀ ବିଶ୍ୱ ଦରବାରରେ ଜଣେ ଗାୟିକା ଭାବରେ କାର୍ଯ୍ୟ କରୁଛନ୍ତି ଜହ୍ନ। ଘର ବାଲେଶ୍ୱର ଜିଲାର ଖନ୍ତାପଡ଼ା ନିକଟସ୍ଥ ପଣପଣା ଗ୍ରାମ। ୨୦୦୮ ମସିହାରେ ପ୍ରଥମେ ଆସିଲେ ଯାତ୍ରାକୁ। ସୋର ପାଖ ଅଭଣା ବିଷ୍ଣୁପୁରଠାରେ ‘ଜହ୍ନମାମୁ ଅପେରା’ ବୋଲି ଏକ ଯାତ୍ରା ଅନୁଷ୍ଠାନ ଥିଲା। ସେ ସେଇଠି ଯୋଗଦେଇ ନିଜ ଯାତ୍ରା ଜୀବନ ଆରମ୍ଭ କରିଥିଲେ। ସେମାନେ ଥିଲେ ପାଞ୍ଚଭଉଣୀ ଓ ଗୋଟିଏ ଭାଇ। ତାଙ୍କର ନମ୍ବର ଥିଲା ତୃତୀୟ। ଘରର ଅଭାବ ହିଁ ତାଙ୍କୁ ଯାତ୍ରା ପାର୍ଟିକୁ ଟାଣି ଆଣିଥିଲା। ଈଶ୍ୱର ତାଙ୍କୁ ଏକ ସୁରିଲା କଣ୍ଠ ଦେଇଥିଲେ। ସେଥିଲାଗି ସଂଗୀତରେ ତାଲିମ୍ ନ ନେଇ ବି ପିଲାଟି ବେଳୁ ଭାରି ଭଲ ଗୀତ ଗାଉଥିଲେ ସେ। ତାଙ୍କ ଘରେ ଖରାଖାଇ ମଙ୍ଗଳା ଠାକୁରାଣୀ ପୂଜା ପାଉଥିଲେ। ତାଙ୍କରି ପାଖରେ ସେ ସବୁବେଳେ ଗୀତ ବୋଲୁଥିଲେ। କୁହାଯାଏ, ଦେବୀ ବା ଦେବତାଙ୍କ ପାଖରେ କରାଯାଉଥିବା କୌଣସି କାର୍ଯ୍ୟ ବିଫଳ ଯାଏନା। ସମ୍ଭବତଃ ଦେବୀ ଖରାଖାଇ ମଙ୍ଗଳା ତାଙ୍କ ମନ କଥା ଜାଣିଲେ। ସେଥିଲାଗି ତାଙ୍କରି କୃପାରୁ ଜହ୍ନଙ୍କୁ ଏକ ଯାତ୍ରାପାର୍ଟି ମିଳିଗଲା। ଆଉ ମା’ଙ୍କ କରୁଣାରୁ ଗୀତରେ ବିଧିବଦ୍ଧ ତାଲିମ୍ ନେଇ ନ ଥିଲେ ମଧ୍ୟ ଯାତ୍ରା ପାର୍ଟିରେ ଗୀତ ଗାଇବାରେ କୌଣସି ଅସୁବିଧା ହୋଇ ନ ଥିଲା। ଜହ୍ନ ଯେ କେବଳ ଗୀତ ଗାଆନ୍ତି ସେକଥା ନୁହେଁ; ଗୀତ ଗାଉ ଗାଉ ଧୂମ୍ ଡ୍ୟାନ୍ସ ମଧ୍ୟ କରନ୍ତି। ଏ ବାବଦରେ ସେ କହନ୍ତି – ବୋଧହୁଏ ଗୀତ ଭଳି ନାଚ ମୋ ଭିତରେ ଥିଲା। ତେଣୁ ମୁଁ ମଞ୍ଚ ଉପରେ ଠିଆ ହୋଇ ଗୀତ ଗାଇ ପାରେନି। ଗୀତ ଗାଇବା ମାତ୍ରେ ମୋ ଗୋଡ଼ ଉଠିଯାଏ। ମୁଁ ନାଚି ପକାଏ। ଆଉ ଏହାକୁ ବି ଦର୍ଶକଦେବତା ଗ୍ରହଣ କରିନେଇଛନ୍ତି। ତେଣୁ ମୁଁ ମଞ୍ଚକୁ ଆସିବା ମାତ୍ରେ ସେମାନେ ଜାଣି ଯାଆନ୍ତି ଯେ, ଖାଲି ଗୀତ ହବନି। ଗୀତ ସହିତ ନାଚ ବି ହେବ। ହିନ୍ଦୀ, ଓଡ଼ିଆ ସାଙ୍ଗକୁ ସମ୍ବଲପୁରୀ ଗୀତ ଗାଇବାକୁ ଭଲ ପାଆନ୍ତି ସେ। ତେବେ ଓଡ଼ିଆ ଗୀତ ତାଙ୍କର ବେଶି ପସନ୍ଦ। ନମିତା ଅଗ୍ରୱାଲ, ଅସୀମା ପଣ୍ଡା ଏବଂ ଦୀପ୍ତିରେଖାଙ୍କ ଗୀତକୁ ସେ ବେଶି ଗାଇବାକୁ ଭଲପାଆନ୍ତି। ଇତିମଧ୍ୟରେ ସେ ପାର୍ବତୀ ଗଣନାଟ୍ୟ, ବାଣେଶ୍ୱରୀ ଗଣନାଟ୍ୟ, ଗୌରୀ ଗଣନାଟ୍ୟ, ବାଘାଯତୀନ ଲୋକନାଟ୍ୟ, ରାଜଧାନୀ ଅପେରା ଆଦିରେ କଣ୍ଠଦାନ କରି ଏବେ ଆସି ପହଞ୍ଚିଛନ୍ତି ଯାତ୍ରାଶ୍ରୀ ବିଶ୍ୱଦରବାରରେ। ଚଳିତ ବର୍ଷର ନାଟକ ‘ଆକାଶ କଇଁଆ ଚିଲିକା ମାଛ’ର ରୋମାଣ୍ଟିକ୍ ଡୁଏଟ୍ ‘ଏ ମନର ମନ୍ଦିରରେ ତମେ ମୋ ଈଶ୍ୱର’ ଗୀତଟି ଖୁବ୍ ହିଟ୍ ହୋଇଛି। ଏହି ଗୀତର ସ୍ୱରକାର ହେଉଛନ୍ତି ତାପସ ଦାସ (ଟିଟନ୍)। ସେ କଣ୍ଠଦାନ କରିଥିବା ଅନ୍ୟ ନାଟକଗୁଡ଼ିକ ମଧ୍ୟରେ ରହିଛି ଭଲ ପାଇବାକୁ ଭୟ ଲାଗୁଛି, ବର୍ଷା ରାତିର ସାଥୀ, ତମ କଥା ଭାରି ମନେ ପଡୁଛି, ମନେ ରଖିଛ ନା ଭୁଲି ଯାଇଛ, ଦୁନିଆ କହିବ କିଏ ମୋ ସ୍ୱାମୀ, ବେଶ୍ୟା ପାଳୁଛି ସାବିତ୍ରୀ ବ୍ରତ, ଦି’ଘଣ୍ଟାର ବୋହୂ ଦି’ପଟ ଶଙ୍ଖା ଏବଂ ଆହୁରି ଅନେକ।

# ଯାତ୍ରା ଅନିଲ କପୁର

ଓଡ଼ିଆ ଯାତ୍ରାର ଦର୍ଶକମାନେ ତାଙ୍କୁ ଅନିଲ କପୁର ବୋଲି କହିଥାନ୍ତି। ସେ ଏକ ନିଆରା ଢଙ୍ଗରେ ଆସନ୍ତି ମଞ୍ଚକୁ। ତାଙ୍କ ଡାଏଲଗ୍ କହିବାର ଶୈଳୀ ମଧ୍ୟ ଅଲଗା। ଆଙ୍ଗ୍ରିମ୍ୟାନ୍‌ର ଭୂମିକା ହେଉ କି ରୋମାଣ୍ଟିକ ଅଥବା ଟ୍ରାଜେଡି ସବୁକିଛି ସେ ଏକ ଭିନ୍ନବାଗରେ କରନ୍ତି। ସେଥିପାଇଁ ଯାତ୍ରା ଇଣ୍ଡଷ୍ଟ୍ରିଜ୍‌ରେ ତାଙ୍କର ଢେରସାରା ଚାହିଦା। ଏହି ଅଭିନେତା ଜଣକ ହେଉଛନ୍ତି ଚିକୁ କର। ତାଙ୍କର ଭଲ ନାମ ଦ୍ୱାରିକାରାମ କର ହୋଇଥିଲେ ମଧ୍ୟ ଯାତ୍ରା ଜଗତରେ ତାଙ୍କୁ ଚିକୁ ବୋଲି ଜାଣନ୍ତି। ଘର କେନ୍ଦ୍ରାପଡ଼ା ଜିଲା ପଞ୍ଚୁପାଣ୍ଡବ ଅଧୀନ କୁଶୁନପୁର ଗାଁ। ବାପା ସ୍ୱର୍ଗତ ନଗେନ୍ଦ୍ର କୁମାର କର ଏବଂ ମା’ ରେଣୁବାଳା କର। ପିଲାଟିବେଳୁ କଳା ପ୍ରତି ରୁଚି ଥିଲା। ନବମ ଶ୍ରେଣୀରେ ଥରୁଟିଏ ଯାତ୍ରାରେ ପାର୍ଟ କରିଥିଲେ। ତେଣୁ ଗ୍ରାଜୁଏଶନ୍ ସରୁ ସରୁ ସେ ଚାଲି ଆସିଲେ ଯାତ୍ରାକୁ। ତେବେ ତାଙ୍କର ଯାତ୍ରାକୁ ଆସିବାର କାହାଣୀଟି ବି ଭାରି ନିଆରା। ୧୯୯୨ ମସିହା କଥା। ଚିକୁଙ୍କ ଭଉଣୀଙ୍କ ଶାଶୁଘର ଧାନମଣ୍ଡଳ। ଭଉଣୀଙ୍କ ଶାଶୁଘର ଲୋକ ଅନେକ ଘର ଭଡ଼ାରେ ଲଗେଇଥିଲେ। ଗୋଟିଏ ଭଡ଼ାଘରେ ରହୁଥିଲେ ‘ଉତ୍କଳ ଗଣନାଟ୍ୟ’ ମାଲିକଙ୍କ ଜଣେ ସମ୍ପର୍କୀୟ ଭାଇ। ତାଙ୍କ ସହିତ ଚିକୁଙ୍କର ବନ୍ଧୁତା ଗଢ଼ି ଉଠିଥିଲା। ଦିନେ ତାଙ୍କ ସାଥିରେ ଚିକୁ ଯାଇଥିଲେ ବରୀ। ବରୀରେ ହିଁ ‘ଉତ୍କଳ ଗଣନାଟ୍ୟ’ର ରିହର୍ସାଲ ହେଉଥିଲା। ଚିକୁଙ୍କର ଆଗ୍ରହ ବଢ଼ିଲା ଯାତ୍ରାରେ ପାର୍ଟ କରିବା ପାଇଁ। ସେ ତାଙ୍କର ବନ୍ଧୁଙ୍କୁ କହି ମାଲିକଙ୍କୁ ଭେଟିବାକୁ ଗଲେ। ମାଲିକଙ୍କ ଘରକୁ ଯାଉଥିବା ବେଳେ ବାଟରେ ତାଙ୍କୁ ଶହେଟଙ୍କାର ଏକ ନୋଟ୍ ମିଳିଲା। ଚିକୁ ଭାବିଲେ ତାଙ୍କର ଶୁଭବେଳା ଅଛି। ଈଶ୍ୱର ତାଙ୍କୁ ଟଙ୍କା ଦେଇ ଆଶୀର୍ବାଦ କରିଛନ୍ତି ଆଉ ଯାତ୍ରାକୁ ଯିବା ଲାଗି ସଂକେତ ମଧ୍ୟ ଦେଇଛନ୍ତି। ଯା’ହେଉ ସେ ମାଲିକଙ୍କୁ ଭେଟିଲେ। ଚିକୁଙ୍କର ଚକୋଲେଟ୍ ଚେହେରା ଦେଖି ମାଲିକ ଖୁସି ହୋଇଗଲେ ଆଉ ପାର୍ଟିରେ ରଖିବା ପାଇଁ ସମ୍ମତି ଦେଲେ। ଆଡଭାନ୍ସ ଭାବରେ ଦୁଇଶହ ଟଙ୍କା ଦେଲେ। ବର୍ଷକୁ ପାଞ୍ଚ ହଜାର ଟଙ୍କାରେ ତାଙ୍କୁ ଚୁକ୍ତି କରାଗଲା। ପ୍ରଥମରୁ ନାୟକ ଭୂମିକାରେ ଅବତୀର୍ଣ୍ଣ ହେଲେ ସେ। ଏବେ ଚିକୁଙ୍କୁ ପଚାଶ ଟପି ଏକାବନ ବର୍ଷ ଚାଲିଲା। ଏବେ ମଧ୍ୟ ସେ ନାୟକ ଭୂମିକାରେ ଅଭିନୟ କରୁଛନ୍ତି। ଇତିମଧ୍ୟରେ ସେ ଶ୍ରୀକ୍ଷେତ୍ର ଗଣନାଟ୍ୟ, ତ୍ରିନାଥ ଗଣନାଟ୍ୟ, ଟାଇଗର ତାରିଣୀ, ଶୁଭଶ୍ରୀ ଗଣନାଟ୍ୟ, ଗୌରୀ ଗଣନାଟ୍ୟ, ଶିବାନୀ ଗଣନାଟ୍ୟ, ପାର୍ବତୀ ଗଣନାଟ୍ୟ, ଧଉଳି ଗଣନାଟ୍ୟ, ବିଶ୍ୱଦରବାର ଆଦିରେ ଅଭିନୟ କରିସାରିଛନ୍ତି। ସମ୍ପ୍ରତି ସେ ଯାତ୍ରା ମାୟାନଗରୀରେ ଅଭିନୟ କରୁଛନ୍ତି। ତାଙ୍କ ଅଭିନୀତ ନାଟକ ମଧ୍ୟରେ ରହିଛି ବିଦେଶିନୀ, କାହାଣୀ ଲାଗୁଛି ନୂଆ ନୂଆ, ମିଛ ମଣିଷ, ତମ ପିଲାର ମା’ ହେବିନି, ସରକାର ମତେ ଫାଶୀ ଦିଅ, ତମ ଛାତିରେ ଲାଗିଛି କାହା ସିନ୍ଦୂର, ମୋ ରେକର୍ଡ ପବ୍ଲିକ୍ କହିବେ, କିଏ କାଚ କିଏ କାଞ୍ଚନ, ସାବତ ମା’ ସାବିତ୍ରୀ, ଧନ ପାଖେ ମନ ବନ୍ଧା ପଡ଼ିଛି, ଦେଲେ ଧରା କଥା ସରେ, ନିଜ ନିଜର ରାମାୟଣ, କଥା ଦିଅ ମତେ କରିବନି ପର ଏବଂ ଆହୁରି ଅନେକ। ପତ୍ନୀ ବିଦ୍ୟୁଲତାଙ୍କ ପ୍ରେରଣାରୁ ଯାତ୍ରାରେ ଆଗକୁ ଆଗକୁ ଗତି କରୁଥିବା ଚିକୁଙ୍କ ପରିବାର କହିଲେ ଦୁଇପୁଅ ଆଶୀର୍ବାଦ ଓ ତଥାସ୍ତୁ, ଝିଅ ବର୍ଷା ଏବଂ ସାନଭାଇ ବାବୁରାମ କରଙ୍କ ଦୁଇସନ୍ତାନ ସ୍ୱପ୍ନା ଓ ଆୟୁଷ୍ମାନ। ଯାତ୍ରା ତାଙ୍କ ଜୀବନକୁ ପୂର୍ଣ୍ଣ କରିଛି। ଯାତ୍ରାକୁ ଆସି ନ ଥିଲେ ଜୀବନ ଅଧା ରହିଯାଇଥାନ୍ତା ବୋଲି କହନ୍ତି ଏହି ଅଭିନେତା।



ଚିକୁ କର

# ପକ୍ଷୀ ଭଳି ଲାଗୁଥିବା ଡାଇନୋସର



ପ୍ରାଣୀଟି ଦେଖିବାକୁ ଠିକ୍ ବତକ ଭଳି। ମାତ୍ର ଏହା ବତକ ନୁହେଁ। ଏକଥା କହିଲେ ଆହୁରି ଆଶ୍ଚର୍ଯ୍ୟ ଲାଗିବ ଯେ, ଏହା ଏକ ପକ୍ଷୀ ହିଁ ନୁହେଁ। ଏହା ହେଉଛି ଏକ ଡାଇନୋସର। ଅତି ପ୍ରାଚୀନ ପ୍ରସ୍ତର ଯୁଗରେ ହିଁ ଏଭଳି ଡାଇନୋସର ପ୍ରଚୁର ମାତ୍ରାରେ ଦେଖିବାକୁ ମିଳୁଥିଲେ। ଖାଲି ଦେଖିବାକୁ ମିଳୁ ନ ଥିଲେ ଲୋକମାନେ ଏହାକୁ ଗୃହପାଳିତ କରି ମଧ୍ୟ ରଖୁଥିଲେ। ଏହି ଡାଇନୋସରଟି ଚଢ଼େଇ ଭଳି ଆକାଶରେ ଉଡ଼ି ପାରୁଥିଲା। ବତକ ଭଳି ପାଣିରେ ପହଁରି ପାରୁଥିଲା। କୁକୁଡ଼ା ଭଳି ମାଟିରେ ଚାଲିପାରୁଥିଲା। ଏକଥା କହିଛନ୍ତି ଇଟାଲୀର ବଲୋଗ୍ନା ମ୍ୟୁଜିୟମ୍‌ର ଗବେଷକ ଆଣ୍ଡ୍ରିଆ କାଓ। ଆଣ୍ଡ୍ରିଆ ଏବଂ ତାଙ୍କର ଗବେଷକ ଦଳ ଏକ ସଦ୍ୟ ଆବିଷ୍କୃତ ଫସିଲ ବା ଜୀବାଶ୍ମ ଉପରେ ଗବେଷଣା କରି ଏକଥା କହିଛନ୍ତି। ଜୀବାଶ୍ମଟିକୁ ସେମାନେ ଥ୍ରୀ ଡାଇମେନ୍‌ସନ୍ (ଥ୍ରୀ ଡି) ଜରିଆରେ ସ୍କାନ କରିବାକୁ ପ୍ରଥମେ ସ୍ଥିର କରିଥିଲେ। ମାତ୍ର କାଳେ ଫସିଲଟି ନଷ୍ଟ ହୋଇଯିବ ସେଥିଲାଗି ସେମାନେ ସାଇନ୍‌କ୍ରୋଟନ ରେଡିଏସନ୍ ଜରିଆରେ ସ୍କ୍ରିନିଂ କରିଥିଲେ। ଏଥିରୁ ଜଣା ପଡ଼ିଥିଲା ଯେ ଅବିକଳ ପକ୍ଷୀ ଭଳି ମନେ ହେଉଥିବା ଏହି ଡାଇନୋସର୍‌ର ଅସ୍ଥିସବୁ ଅତ୍ୟନ୍ତ ଶକ୍ତ ଥିଲା।

ବ୍ୟାକ୍ ପେଜ୍







# ରବର ବ୍ୟାଣ୍ଡ ଡ୍ରେସ୍

ଏହି ଷ୍ଟାଇଲିଶ୍ ଡ୍ରେସ୍ ଦେଖି ଭାବୁଥିବେ ଏହା ବାଦାମୀ ରଙ୍ଗର ଉଲ୍‌ରେ ତିଆରି ବୋଲି। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଯୁବତୀଜଣକ ପିନ୍ଧିଥିବା ଡ୍ରେସ୍ ରବର୍ ବ୍ୟାଣ୍ଡରେ ତିଆରି। ଏହି ରବର ବ୍ୟାଣ୍ଡର ଡ୍ରେସ୍ ପିନ୍ଧିଥିବା ଯୁବତୀଜଣକ ହେଉଛନ୍ତି ଟୋକିଓର ତାମା ଆର୍ଟ ୟୁନିଭର୍ସିଟିରେ ପଢୁଥିବା ରିଏ ସାକାମୋତୋ। ସେ ହଜାର ହଜାର ରବର ବ୍ୟାଣ୍ଡକୁ ବୁଣି ଉକ୍ତ ଡ୍ରେସ୍ ତିଆରି କରିଛନ୍ତି। ଆପଣ ରବରବ୍ୟାଣ୍ଡକୁ ବିଭିନ୍ନ ପ୍ରକାରରେ ବ୍ୟବହାର କରିଥିବେ, ହେଲେ କେବେ ଏହା ଫ୍ୟାଶନେବୁଲ ଡ୍ରେସ୍ ହୋଇପାରିବ ବୋଲି ଭାବି ନ ଥିବେ। କିନ୍ତୁ ସାକାମୋତୋ ଏହାକୁ ବାସ୍ତବରେ ପରିଣତ କରି ଦେଖାଇଛନ୍ତି। ଏଥିରେ ସେ ବୋଲେରୋ ଜ୍ୟାକେଟ୍, ଶର୍ଟ ଡ୍ରେସ୍, ଲଙ୍ଗ ଗାଉନ୍ ଆଦି ତିଆରି କରିଛନ୍ତି। ପାଠ୍ୟକ୍ରମର ଶେଷବର୍ଷରେ ସାକାମୋତୋ ଏହି ରବର ବ୍ୟାଣ୍ଡ ଡ୍ରେସ୍‌ସବୁକୁ ପ୍ରଦର୍ଶିତ କରିଥିଲେ। ଆଉ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଥିଲେ।



# ନୁଡଲ କେକ୍

ବିଭିନ୍ନ ପ୍ରକାରର ଆକାର ଓ ସ୍ୱାଦର କେକ୍ ଦେଖିଥିବେ ଓ ଖାଇଥିବେ ବି। ହେଲେ ଇଣ୍ଡୋନେସିଆର ବେକେରି ଟଟ୍ ଅ' ଯେଉଁ କେକ୍ ତିଆରି କରୁଛି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି କେକ୍ ଦେଖିବାକୁ ଯେମିତି ସ୍ୱାଦିଷ୍ଟ ଖାଇବାକୁ ବି ସେମିତି। ହେଲେ ଏହାକୁ ଖାଇଲେ ଆପଣଙ୍କ ପାଟି ମିଠା ହେବ ନାହିଁ। କିନ୍ତୁ ଏକ ନିଆରା ସ୍ୱାଦ ପାଇବେ। କାରଣ ଏହା ଇନ୍‌ଷ୍ଟାଣ୍ଟ ନୁଡଲ୍‌ରେ ତିଆରି। ତିନି ଥାକ ବିଶିଷ୍ଟ ଏହି କେକ୍‌ରେ ସୁଇଟ୍ ସ୍ପଞ୍ଜ, ସୁଇଟ୍ କ୍ରିମ୍ ଓ ଟପିଂସ୍ ବ୍ୟବହାର ହୋଇନାହିଁ। ବରଂ ନୁଡଲ୍ସ, ଚିକେନ୍, ନଡିଆ କ୍ଷୀର, ମିଟ୍ ବଲ୍ସ, ସଲ୍ଟେଡ୍ କ୍ୟୁଟଲ୍ ଫିଶ୍ ଆଦି ବ୍ୟବହାର ହୋଇଛି। ବିବାହ ହେଉ କି ଜନ୍ମଦିନ ଇଣ୍ଡୋନେସିଆରେ ଏହି କେକ୍‌ର ଚାହିଦା ବହୁତ। ୨୦୧୭ରୁ ଇଣ୍ଡୋନେସିଆର ଉକ୍ତ ବେକେରି ନୁଡଲ୍ସର ଏହି କେକ୍ ପ୍ରସ୍ତୁତ କରୁଛି। ଜାକର୍ତ୍ତା ପୋଷ୍ଟରେ ଏହି କେକ୍‌ର ଫଟୋ ପୋଷ୍ଟ ହେବା ପରେ ଏହା ଚର୍ଚ୍ଚାର ପରିସରକୁ ଆସିଥିଲା।



# ସବୁଠୁ ବଡ଼ ଟେବୁଲ୍ ଟେନିସ୍ ବ୍ୟାଟ୍

ଟେବୁଲ୍ ଟେନିସ୍ ଅନେକେ ଖେଳିଥିବେ। ନ ଖେଳିଥିଲେ ବି ତା'ର ଛୋଟ ଛୋଟ ବ୍ୟାଟ୍‌କୁ ନିଶ୍ଚୟ ଦେଖିଥିବେ। ଏହାକୁ ହାତରେ ସହଜରେ ଧରି ଖେଳି ହୁଏ। ତେବେ ଏହି କୁନି ବ୍ୟାଟ୍‌ର ଏକ ବିରାଟ ରୂପ ତିଆରି କରାଯାଇଛି, ଯାହାକୁ ଧରି ଖେଳିବା ଅସମ୍ଭବ ପ୍ରାୟ। କାରଣ ଏହାର ଲମ୍ବ ୧୧ ଫୁଟ ୭.୮ ଇଞ୍ଚ ଓ ଓସାର ୬ ଫୁଟ୍ ୭.୮ ଇଞ୍ଚ ଅଟେ। ଆମେରିକାର ରାଇଜ୍ ବ୍ରାଣ୍ଡ ଏହାକୁ ତିଆରି କରିଥିଲା। ୨୦୧୭, ୨୧ ଜୁଲାଇରେ ଓହିଓସ୍ଥ ପିନ୍ସ ମେକାନିକାଲ କମ୍ପାନୀରେ ଏହାକୁ ପ୍ରଦର୍ଶିତ କରାଯାଇଥିଲା। ଆଉ ଏହା ପୃଥିବୀର ସବୁଠୁ ବଡ଼ ଟେବୁଲ୍ ଟେନିସ୍ ବ୍ୟାଟଭାବେ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଲା।